
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ଜାନୁଆରୀ ୨୦୧୭
ମୂଲ୍ୟ : ୨୫ ଟଙ୍କା
ନବବର୍ଷର
ଶୁଭ ଅଭିନନ୍ଦନ



ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।



ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱିତୀୟ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶଙ୍ଖ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାଇତରାୟ

# ଓଁ 'ପ୍ରାଚୀ'ର କଲମ ଷ୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର, ଏହା ମଧ୍ୟ ଏକ ପ୍ରଭାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଅର୍ଦ୍ଧାଙ୍ଗ ଓ ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତ । ପ୍ରାଚୀ ଠାରୁ ବଳି ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତାଆହ୍ଲାଦଦାୟୀ ନାମଟିଏ ବିରଳ । ପ୍ରାଚୀର ପରମ, ଚରମ ସାର୍ଥକତା ଓ ଆଦର୍ଶ ତା'ର ସମାଜର କଲ୍ୟାଣ ସାଧନରେ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ପ୍ରେମରେ । ତା'ର ପ୍ରେମ, ତା'ର ମମତାରେ ସେ ସାମାଜିକ ଜୀବନରେ ଭଗବାନଙ୍କ ଆଶୀର୍ବାଦ ରୂପେ ପ୍ରତିଭାତ ହୁଏ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, January 2017, Issue No. X

**RNI No. : ODIODI/2015/64435**

P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**

ଉପଦେଷ୍ଟା :

**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦିକା ସହଯୋଗୀ :

**ପ୍ରାଚୀ ପ୍ରଜ୍ଞା**

ସହ ସମ୍ପାଦକ :

**ଡ. ନିରୋଦ କୁମାର ମନ୍ତ୍ରୀ**

**ବନଲତା ସିଂହ**

ଉପସ୍ଥାପନା :

**ମମତା ଖଣ୍ଡାୟତରାୟ**

ଡିଟିପି :

**ମନୋଜ କୁମାର ଦାସ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :

**ବିଭୁପ୍ରସାଦ ନାୟକ**

ମୋ: ୮୯୦୮୫୫୪୯୫୬

ଅଳଙ୍କରଣ :

**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :

**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :

**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :

**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**

ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :

**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପରିଚାଳନା ସମ୍ପାଦକ :

**ମନୋଜ କୁମାର ବିଶ୍ୱାଳ**

କାର୍ଯ୍ୟକାରୀ ସମ୍ପାଦିକା:

**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



**Declaration**

**Edited, Published & Owned by :**

**Dr. Bibhudatta Khandayatray**

Niladri Vihar, Cuttack - 4

E-mail : pracheepatrika@rediffmail.com

Web Site : www.pracheevoice.in


## ଏଇ ସଂଖ୍ୟାରେ...


- **ଭଉା**
  ପ୍ରଭାତୀ ରାଉତ ୭
- **ସାଗରୀକାର ସ୍ୱପ୍ନ**
  ଶଶିଭୂଷଣ ମହାନ୍ତି ୧୦
- **ଅତୀତ ହିଁ କେବଳ ସ୍ମୃତି**
  ମନୋରଞ୍ଜନ ଦାସ ୧୧
- **ଗଙ୍ଗାଧରଙ୍କ ଓଡ଼ିଶା ଭ୍ରମଣ**
  ବିଚିତ୍ରାନନ୍ଦ ପଣ୍ଡା ୧୪
- **ଚେତାବନୀ**
  ବସନ୍ତ ମଞ୍ଜରୀ ରଥ ୨୧
- **ସୁରଭିର ସ୍ୱପ୍ନ**
  ଶ୍ୟାମସୁନ୍ଦର ବେହେରା ୨୪

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ** କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................
ଠିକଣା ........................................................ ପିନ୍‌କୋର୍ଡ଼ ..............................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................. ତାରିଖ..................................................
ବ୍ୟାଙ୍କ୍.................................... ସ୍ଥାନ..................................................
ତାରିଖ.................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**


ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬
E-mail : pracheepatrika@rediffmail.com, Web. : www.pracheevoice.in

# ଭତ୍ତା

- ପ୍ରଭାତୀ ରାଉତ

ସାଗରପଡ଼ା ଗାଆଁର ଜଗତା ମଳିକ । ନ ଥିଲା ଘରକୁ ପୁଅବୋହୂଙ୍କ ଉପରେ ସେ ବୋଝ ଉପରେ ନଳିତା ବିଡ଼ା ହୋଇଥିଲା । ବୁଢ଼ୀ ଚାଲିଗଲାଣି ଅଢ଼େଇ ବର୍ଷ ହେଲା । ବୁଢ଼ୀ କିନ୍ତୁ ଟାଣଶିରା ମଣିଷ । ୭୮ ବର୍ଷ ବୟସରେ ବି ଚେଙ୍ଗା ତଥାପି ଜର ବାଧକ ଦାଉ ଧକ୍କା ସହିବା ଦେହ ପକ୍ଷେ କଷ୍ଟ । ସରକାରଙ୍କ ମାସିକ ୩୦୦ଟଙ୍କା ଭତ୍ତା ତାକୁ ପୁଅବୋହୂଙ୍କ ପାଖରେ ଅଲୋଡ଼ାପଣରୁ ମୁକ୍ତି ଦେଇଛି । ମାସ ସାରା ନ ହେଲା ନାହିଁ ଭତ୍ତା ପାଇବା ପୂର୍ବ ଓ ପର ଚାରିଦିନ ବୋହୂମାନଙ୍କଠାରୁ ହେପାଜତ୍ ପାଉଛି ତ ! ଭତ୍ତା ପାଳି ଦିନ ସକାଳେ ସାନବୋହୂ ନାଲି ଚା'ବଦଳରେ କ୍ଷୀର ଚା'ଦିଏ । ବଡ଼ ବୋହୂ ଦିହମୁଣ୍ଡରେ ତେଲ ମାରି ଲୁଗାପଟା ଦି'ଖଣ୍ଡ କାଚି ସଫା କରେ । ନାତି ନାତୁଣୀଏ ଗେହ୍ଲେଇ ହଲେଇ କଥା କହନ୍ତି ।

ଏଥରକୁ ୩ ମାସ ହେଲା ଜଗତା ବୁଢ଼ା ଭତ୍ତା ଟଙ୍କା ପଞ୍ଚାୟତ ଅଫିସ୍ ଯାଇପାରିନି । ଚା'ଦୋକାନ ଓଷଦ ଦୋକାନରେ ପଇସା ବାକି ଅଛି । ପୁଣି ନୂଆକୁ ନାତୁଣୀବୋହୂ ଘରକୁ ଆସିଛି । ଆହୁରି ପୁଣି ଝିଅ ଗେହ୍ଲୀର ବଡ଼ ଝିଅ ଉମାର ବାହାଘର ଆଉ ସାତ ଦିନ ଅଛି । ଯା'ହଉ ୨ ମାସର ଭତ୍ତା ଟଙ୍କା ୬୦୦ ପୁଣି ଶୀତବସ୍ତ୍ର ପାଇଁ ୨୦୦ମିଶେଇ ମୋଟ ୮୦୦ ଟଙ୍କା ପାଇଲେ କେତେ ଅରମାନ୍ ମେଣ୍ଟିବ ।

- ଆଲୋ ବୁଢ଼ା ବାଆ ! ଆଜି ପରା ମାସର ୧୫ ତାରିଖ । ତୁ କ'ଣ ତୋ ଭତ୍ତା ଟଙ୍କା ପାଇଁ ଯିବୁ ନେଇ ।

- ହଁ ରେ ନାତିଆ ! ନ ଗଲେ ଚଳିବି କେମିତି ! ତୋ' ବୋହୂର ମୁହଁଦେଖା ଦେବି କେମିତି ? ଗୁଣ୍ଡିପାନ ତେଲ ସାବେନି ଆଉ ଓଷଦ ସବୁ ଦୋକାନରେ ବାକି ଅଛି । ଟଙ୍କା ଆଣିଲେ ଆଗ ଶୁଝିବି ।

- ହଉ, ବେଇଗି ବାହାରି ପଡ଼ । ମୁଁ ଟ୍ରଲିରେ ବସେଇ ଭତ୍ତା ଅଫିସ୍ ନେଇଯିବି । ମାଘ ମାସର କୁହୁଡ଼ିଆ ସକାଳ ଶୀତ ତଥାପି ଧରଣୀ ମା'ର ଛାତି ଆବୋରି ହେମାଳ କରୁଛି । ଛିଣ୍ଡା କନ୍ଥା ତଳୁ ଦୁର୍ବଳ ଦେହକୁ ଓଟାରି ଅଣ୍ଟା ସଳଖି ଠିଆହେଲା ଜଗତା ମଳିକ । ସତେ ତ କହୁ କହୁ ଗାଧୁଆବେଳ ହେଲାଣି । ଗୋରୁ ଗାଈ ଫିଟିଲେଣି । ଦି'ଘେରା ଦାନ୍ତ କାଠି ବୁଲେଇ ଆଣି କୁଳି ନ କରୁଣୁ ବଡ଼ ବୋହୂ ଅମୂଲ ପକା ଗରମ ଚା' ଆଉ ମୁଢ଼ି ଅଧମାଣ ଥୋଇଦେଇ କଅଁଳେଇ କହିଲା - "ବାସି ଲୁଗାଟା ବଦଳେଇ ଯିବ, ମୁଁ ସୋଢ଼ା ପକେଇ କାଚିଦେବି ।"

ସାନବୋହୂ କାଠୁଆରେ ସୋରିଷ ତେଲ ଟିକେ ଆଣି ବୁଢ଼ାଦେହ ମୁଣ୍ଡରେ ଘଷି ମାଲିସ କଲା । ଜଗତା ବୁଢ଼ାକୁ ଆରାମ୍ ଲାଗୁଥାଏ । ଏମିତି ନିଇତି ଭତ୍ତା ପାଳି ହୁଅନ୍ତା କି ବୋହୂମାନଙ୍କର ସେବାଯତ୍ନ ଟିକେ ମିଳନ୍ତା । ମାସଯାକ ଦୂର୍ ଦୂର୍, ମୁହଁ ଫଣଫଣ । ମରି ପଡ଼ିଥିଲେ କେହି ପାଣିଟୋପା ଦେବେନି । କିନ୍ତୁ ଭତ୍ତା ଦିନ ନାତିନାତୁଣୀ, ପୁଅବୋହୂ ସଭିଙ୍କର ସରାଗ ଉଛୁଳିବ । ସତେଯେମିତି ଜଗତାବୁଢ଼ାର ଆଜି ଜନମ ଦିନ ।

ଖୁଁ ଖୁଁ କାଶି କାଶି ବୁଢ଼ା ଗରମ ଚା' ଦି'ଢ଼ୋକ ପିଇ ଗୁଣ୍ଡି ଧାପେ ଜାକି ନାତି ଟ୍ରଲିରେ ବସି ଭତ୍ତା ପାଇଁ ଗଲା । ଦୁଇ ମାସର ଭତ୍ତା ସାଙ୍ଗକୁ ଶୀତ ପୋଷାକ ପାଇଁ ୨୦୦ ପାଇବ ।

ଭତ୍ତା ଅଫିସ୍‌ରେ ଭିଡ଼ । ସିଭିଏଁ ଧାଡ଼ିରେ ଆଗକୁ ଯାଇ ଆଗ ପାଉଣା ଗଣ୍ଡାକ ଧରିବାକୁ ଉଛନ୍ନ । ଯା'ହଉ ଦିନ ଦିଇଟା ବେଳକୁ ଜଗତା ବୁଢ଼ା ଟଙ୍କା ପାଇ ପୁଣି ଟ୍ରଲିରେ ବସି ଘରମୁହାଁ ହେଲା । ଆଜି ଜଗତା ବୁଢ଼ାର ପରିବାର ଏମିତି କି ନୂଆ ଆସିଥିବା ନାତୁଣୀବୋହୂ କାଞ୍ଚନ (ବଡ଼ ନାତିଆର ଭାରିଯା) ବୁଢ଼ା ଶ୍ୱଶୁର ବାଟକୁ ଚାହିଁବସିଛି । ତରତର ହୋଇ ବୁଢ଼ାକୁ ଗରମ ଭାତ ଡାଲି, ଶୁକୁଆ ଭଜା,

ଧନିଆ ପତ୍ର ଚଟଣି ପେଟ ଭର୍ତ୍ତି ଖାଇବାକୁ ବାଢ଼ିଦେଇ ସମସ୍ତେ ଭାଗବତ୍ତାକୁ ଅପେକ୍ଷା କଲେ । ଫି ଥର ପରି ଏଥର ବି ଦି'ବୋହୂଙ୍କୁ ଦେଢ଼ଶହ କରି ତିନିଶହ ଦେଲା । ନାତୁଣୀବୋହୂକୁ ୧୦୦ଟଙ୍କା ଦେଲା । ବାକି ଟଙ୍କାରେ ଦୋକାନରେ ବାକି ଶୁଝିବ ଆଉ ନାତୁଣୀ ଉମାର ବାହାଘରକୁ ଦେବାକୁ ସ୍ଥିର କଲା । ବଡ଼ ନାତି ଆଗକୁ ଆସି କହିଲା ।

- କିଲୋ ! ବୁଢ଼ା ବା' ମୋ ଟ୍ରଲି ଭଡ଼ା କାହିଁ ? ୫୦ଟଙ୍କା ଦେବୁ । ଆଉ ଶୁଣ୍ - ରାତିସାରା ଖୁଁ ଖୁଁ କାଶୁଛୁ ଯେ ଆମେ ଶୋଇପାରୁନୁ । ଆଗ ଯାଇ ଓଷଦ ଦୋକାନରୁ ପୁରୁଣା କାଶ ଓଷଦ ଶିଶି ଦେଖେଇ କାଶ ଓଷଦ ଆଣିବୁ । ଆଜି ରାତିରେ ଯେମିତି ଆମକୁ ଡିଷ୍ଟର୍ବ ନ କରୁ ! ନ ହେଲେ ବୁଢ଼ା ତତେ ପାନେ ଦେବି ।

ଦୁଇ ମାସ ହେବ ବୁଢ଼ା ଜରରେ ପଡ଼ିଛି, ପୁଣି ତା' ସାଙ୍ଗକୁ ଖୁଁ ଖୁଁ କାଶ । ରାତିହେଲେ କାଶ ବେଶି ବଢ଼େ । ଘର କରିଥିଲା । ଦୁଇ ପୁଅ ବୋହୂଙ୍କୁ ଦେଲା । ଯୋଉ ଆଡ଼ି ଘରେ ଶୋଉଥିଲା, ଏବେ ମାସେ ହେଲା ନାତି ନିତିଆ ବା'ହୋଇ ତା' ଭାରିଜା କାଞ୍ଚନକୁ ଧରି ଶୋଉଛି । ବୁଢ଼ା ସେଇ ଦୁଆର ମୁହଁରେ ତାଳ ବାହୁଙ୍ଗା ଦି'ଟା ଡେରି ଦଉଡ଼ିଆ ଖଟ ପକେଇ ଶୋଉଛି । ସହଜେ ଶୀତ କାକର ମାସ ରାତିରେ ହେମାଳ ବାଜିଲେ କାଶ ବେଶି ହୁଏ । କ'ଣ କରିବ ସେ, କାଶ ଜମା କମୁନି । ବୁଢ଼ୀ ଥିଲେ ସିନା..... ଚେରମୂଳି କେତେ କ'ଣ ସଜାଡ଼ି ପଥି ବନାନ୍ତା... ସେ ତ ଦୁଇ ବର୍ଷ ହେଲା ହାତ୍ ଛାଡ଼ି ଆରପାରିକୁ ଗଲା । ଆଜି ନାତିର ତାଗିଦ୍ ଶୁଣି କାଶ ଓଷଦ ଶିଶି ଧରି ଦୋକାନ ଆଡ଼େ ଗଲା । ନାତି କଥାରେ ଓଷଦ ପାଇଁ ଗଲା ସିନା, କିନ୍ତୁ ଯିବା ବାଟରେ ବୁଢ଼ା ଭାବିଲା, ଗୋଟାଏ ବୋଲି ଝିଅ ବିଜୁଳି । ତା' ଝିଅ ଉମାର ବାହାଘର ଆଉ ଛଅଦିନ ପରେ । ଉମା ହାତରେ କେତେ ଟଙ୍କା ଦବ ? ପ୍ରତି ମାସ ଭତ୍ତା ଟଙ୍କାରୁ ପୁଅ ଦୁଇଜଣ ପାଇଲେ ହେଲେ ଝିଅକୁ ଦିନେ ଅଧେ ୩୦୦/୪୦୦ ଟଙ୍କା ନ ଦେଲେ କ'ଣ ଶୋଭାପାଇବ ? ଭାବି ଭାବି ସେହି ନାଲି କାଶ ଓଷଦ ଶିଶିରେ ପାଣି ପୁରେଇ ୫୦ଟଙ୍କା ଖର୍ଚ୍ଚ ନକରି ରଖିଲା । ସଞ୍ଜ ଗଡ଼ାଣିରେ ଘରକୁ ଫେରିଲା ।

ମାଘ ମାସର ଶେଷ ଭାଗ । ତଥାପି ରାତିରେ ହେମାଳ ଲାଗୁଛି । ବୁଢ଼ା ଖାଇ ପିଇ ଘୋଡ଼ି ହୋଇ ଶୋଇବାକୁ ଚେଷ୍ଟା କଲା । ପହିଲି ଫଗୁଣରେ ନାତୁଣୀର ବାହାଘର । ବହୁ ଦିନ ପରେ ଝିଅ ଘରକୁ ଯିବ । ଝିଅକୁ ଦୁଃଖସୁଖ କହିବ । ଭାରିଯା ମରିବା ପରଠୁ ମନ କଥା କାହାକୁ କହିପାରିନି କେବଳ ଝିଅ ଛଡ଼ା । ଜୋଇଁ ନଟିଆ ମଧ୍ୟ ବୁଢ଼ା ପ୍ରତି ଭଲ । ମୂଲମଜୁରି କରି ନିଜ କୁଟୁମ୍ବ ଆରାମରେ ରଖିଛି । ଅକାଳେ ସକାଳେ ଶ୍ୱଶୁର ଗଲେ ବୁଢ଼ାର ଖାଇବା ଯତ୍ନ ନିଏ । ସ୍ନେହ ଆଦର କରି ଭଲମନ୍ଦ ପଚାରି ବୁଝେ । ଭାବୁ ଭାବୁ ଜଗତା ବୁଢ଼ା ନିଦରେ ଶୋଇବାକୁ ଚେଷ୍ଟା କଲା । ରାତି ବଢ଼ିବା ସହ ଥଣ୍ଡା ପବନ ବାଜି କାଶ ଆରମ୍ଭ ହେଲା । ଖୁଁ ଖୁଁ ଶୁଖିଲା କାଶ ଅଣନିଃଶ୍ୱାସୀ କରି ପକାଏ । ଏମିତି କାଶି କାଶି କେତେବେଳେ ଶୋଇପଡ଼ିଛି ହୋଶ୍ ନାହିଁ । ନାତି ଆଉ ନାତୁଣୀ ବୋହୂ ବିରକ୍ତ ହେଉଥାନ୍ତି । ନୂଆ ବାହା ହୋଇଥିବା ଦୁଇ ହୃଦୟର ନୂଆ ନୂଆ ମିଳନ କେତେ କଥା.... କେତେ ସରାଗ, ହସଖୁସି । ପ୍ରୀତିର ମନ ଉଲ୍ଲାସ ଭାବନା ହେଲେ ବୁଢ଼ାର ଖୁଁ ଖୁଁ କାଶ ଦୁହିଁଙ୍କ ସୁଖ ଶରଧାରେ ବାଧା ଦେଲା । ନାତି ବିରକ୍ତ ହେଲା । ଜାଣିଲା ବୁଢ଼ା ଓଷଦ କିଣି ଖାଇନି । ଝିଅକୁ ଦବାକୁ ଟଙ୍କା ସାଇତିଛି । ରାଗରେ ମୁଣ୍ଡକୁ ପିତ୍ତ ଚଢ଼ିଲା । ନିତିଆ ଓ ତା' ଭାରିଯା କଞ୍ଚନ ଦୁହେଁ ମିଶି ଦଉଡ଼ିଆ ଖଟ ସହ ବୁଢ଼ାକୁ ଟେକିନେଇ ବାଡ଼ିପଟ ଆମ୍ବ ତୋଟାରେ ଥୋଇଦେଇ ଆସିଲେ । ବୁଢ଼ା କିଛି ଜାଣିପାରିଲାନି । ପାହାନ୍ତି ପହର ହେମାଳ ବେଶି ହେଲା । କାକର ପଡ଼ି ଦେହ କୋଲ ମାରିଗଲା । ଚାଉଁକିନା ବୁଢ଼ାର ନିଦ ଭାଙ୍ଗିଗଲା । ଛାଇଛାଇଆ ମହଳଣ ଜହ୍ନ ଆଲୁଅ । ନିଶୂନ୍ ରାତି, ତଥାପି ଆହୁରି ଦୁଇ ଘଡ଼ି ବାକି । ବିଲ ପାଟରେ ଶିଆଳ ହୁକେ ହୋ କଲା । ଆମ୍ବ ଗଛରୁ ପତ୍ର ଝଡ଼ିଲା । ଜଗତା ବୁଢ଼ା ଜାଣିପାରିଲାନି ସେ କୋଉଠି । ଯାହା ଦେଖୁଛି ସତ ନା ସପନ ! ଏଟା କୋଉ ଜାଗା । ପେଚା କିଚିରି କିଚିରି ଡାକ ଦେଲା । ବୁଢ଼ାର ନିଦ ଉଭେଇଗଲା । ଆ'ରେ ଏ ତ ତା' ବାଡ଼ିମୁଣ୍ଡ ଆମ୍ବତୋଟା । ହେଇ ତ ସେଠି ବୁଢ଼ୀର ସମାଧି । ବୁଢ଼ାର ଆଖିରୁ ନିଦ ହଜିଗଲା । ସେ ହେଜି ହେଲା ସଞ୍ଜ ବେଳର କଥା । ନାତି ଚକରା କହିଥିଲା, ରାତିରେ ଶୋଇ ନଦେଲେ ପାନେ ଦେବ ବୋଲି । ଖଟିଆ ସହ ସେଇ ଆଣି ଏଠି ବୁଢ଼ାକୁ

ଫୋପାଡ଼ି ଦେଇଛି । ବୁଢ଼ାର ପ୍ରାଣ କାନ୍ଦି ଉଠିଲା । ହାୟରେ ଦୁନିଆ ! ସେ କ'ଣ ତା' ବାଆକୁ ଏମିତି କେବେ କରିପାରିଥାନ୍ତା । ବୁଢ଼ା ବୁଢ଼ୀ ସମାଧିକୁ ଚାହିଁ ଦି'ଟୋପା ଲୁହ ଗଡ଼େଇଲା । ସେତେବେଳକୁ ଫୁକିଆ ତାରା ଉଇଁ ରାତି ଆଉ ବାକି ନାହିଁ ବୋଲି ଜଣାଇଲା । କୁକୁଡ଼ା ଡାକିଲାଣି । ବୁଢ଼ାର ମନ ନିଜ ପରିବାର ଉପରୁ ଛାଡ଼ିଗଲା । ଛାତିର କୋହ ଆଖିରେ ଲୁହ ନେଇ ବୁଢ଼ା ସେହି ଜାଙ୍ଗୁଲୁ ଜାଙ୍ଗୁଲୁ ଫସର ଫଟା କାଳି ଅନ୍ଧାରରେ ଚୁଡ଼ାନ୍ତ ଜହ୍ନର ବହଳଣ କାଳି ଅନ୍ଧାରରେ ଧୁମୁସି ଧୁମୁସି ଠେଙ୍ଗାଟିଏ ଧରି ନଈବନ୍ଧ ବାଟରେ ଗୋଟିଏ ଗୋଟିଏ ଚାଲିଲା । ନଈବନ୍ଧ ସେ ପାଖେ କହ୍ନେଇପୁର ଗାଆଁରେ ବିଜୁଳିର ଶାଶୂଘର । ଚାଲିଗଲେ ଘଡ଼ିଏ ବି ଲାଗିବନି । ଆଉ ଚାରି ଦିନ ପରେ ଯାଇଥାନ୍ତା । ଆଜି ନ ଯିବ କାହିଁକି ? ଆଜି ଉମାବାପା ବଡ଼ ନଣନ୍ଦ ଘରକୁ ଗୁଆ ନେଇ ଡାକିଯିବ । ସକାଳ ୬.୩୦ ମିନିଟ୍‌ରେ ବସ୍ । ଚା'ପାଣି ଟିକେ ବସେଇଲେ ନଟିଆ ପିଇକରି ଯିବ । ବାଡ଼ି ଦରଜା ଖୋଲିଲା ବିଜୁଳି । ଆଲୋ ଏ କ'ଣ ! ହାଉଳି ଖାଇ ଡାକଦେଲା- କିଏ ସେଠି ନେପେଟି ପଡ଼ିଛି ? ନଟିଆ ଧାଇଁଗଲା । ଦିହେଁ ଯାଇ ଦେଖିଲେ, ବିଜୁଳି 'ବାପା'କୁ ଚିହ୍ନିଲା ଦିହ ଗୋଟା ହେମାଳ । ଚେତା ନାହିଁ । ଦିହେଁ ମିଶି ବୁଢ଼ାକୁ ଚୁଲି ପାଖକୁ ଟେକିନେଲେ । ତେଲ ମାରି ସେକାସେକି କଲେ । ମୁହଁରେ ପାଣି ଛାଟିଲେ । ବୁଢ଼ା ଆଖି ଖୋଲିଲା । ଜୋଇଁ କି କୁଣ୍ଢେଇ କାନ୍ଦିଲା । ଝିଅ ଆଗରେ ସବୁକଥା କହିଲା । ବାପାର ଦୁଃଖ ଶୁଣି ବିଜୁଳି ବାହୁନି କାନ୍ଦିଲା କହିଲା, "ବାଆ ମୋ ମୁଣ୍ଡ ଛୁଇଁ, ଜିଇଁଥିବା ଯାଏ ମୋ' ପାଖରେ ରହିବୁ । ଆଉ ତୋ' ଭିଟାମାଟି ମୁହଁ ଚାହିଁବୁନି । ଜାଣିଚୁ ମୁଁ ତୋ ଏକଲା ଝିଅ । ଆଉ କିଛି ଛୁଆପିଲା ନାହିଁ ।" ନଟିଆ ବି ବୁଢ଼ାକୁ ସାନ୍ତ୍ୱନା ଦଉଥାଏ - ତମେ କିଛି ନ ଭାବି ଏଇଠି ରୁହ । ବୁଢ଼ାକୁ ପୁଣି ଥରେ ସବୁ ସ୍ୱପ୍ନ ପରି ଲାଗୁଥାଏ । କିନ୍ତୁ ସେତେବଳକୁ ସ୍ୱପ୍ନ ଭାଙ୍ଗିଯାଇଥାଏ । ରାତି ପାହିଯାଇଥାଏ । ଫୁଟନ୍ତା ଆମ୍ବ ବଉଳର ମହକ ଚହଲି ଯାଉଥାଏ ଟିକେ ଟିକେ । ପତଳା କୁହୁଡ଼ି ଆଡ଼େଇ ଉଇଁ ଆସୁଥାଏ ସୂର୍ଯ୍ୟ । ପକ୍ଷୀର କାକଳୀ ଫୁଲର ମହକ । ଅଧାଫିଟା ଆଲୁଅ ସ୍ୱାଗତ କରୁଥାଏ ଆଉ ଏକ ଜଞ୍ଜାଳମୟ ଦିନକୁ । ଜଗତା ବୁଢ଼ା ଭୁଲିବାକୁ ଚେଷ୍ଟା କରୁଥାଏ ଗତ ରାତିର ଘଟଣାକୁ ।

ଜାମୁପଶି, ସୁକିନ୍ଦା, ଯାଜପୁର




# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

## A Complete Coaching for

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English And also M. A. Entrance, (Pol. Science)**

Contact : 9861462581, 9861816123

# ସାଗରିକାର ସ୍ୱପ୍ନ

- ଶଶୀଭୂଷଣ ମହାନ୍ତି

ସେଦିନ ପୂର୍ଣ୍ଣିମାର ଜହ୍ନଟା ଥିଲା ଅତୀବ ଆକର୍ଷଣୀୟ । ରୂପେଲି ଜ୍ୟୋସ୍ନାର ଉତ୍ତରୀରେ ଆବୃତ ହୋଇଥିଲା ସମଗ୍ର ବନାନୀ, ଦୂର ପାହାଡ଼ର ଉଦାସ ବକ୍ଷ ଆଉ ସବୁଜିମା କ୍ଷେତ । ଧୀର ପବନରେ ଭାସି ଆସୁଥିଲା ଅନେକ ଫୁଲର ସୁମଧୁର ମହକ । ଅତୀତର ଅନେକ ଯନ୍ତ୍ରଣା, ଝରାପତ୍ର ପରି ଝରିଆସୁଥିଲା ସାଗରିକାର ମନରେ । ମନର ସରହଦରେ ଅନେକ ପାଦଚିହ୍ନ । ସ୍ୱପ୍ନର ଝଲସା ବାଦଲ ଧୀରେ ଧୀରେ ଅପସରି ଗଲେ । ବାସ୍ତବତାର ଧୂ ଧୂ ମରୁବାଲି ତାକୁ କଳଙ୍କିନୀ ସଜାଇଦେଲା ମାତ୍ର କେତେଟା ମୁହୂର୍ତ୍ତରେ । ଜୀବନ ଯବନିକା ଶିଖିବା ଛଡ଼ା ଆଉକିଛି ଉପାୟ ନଥିଲା ତାହା ହିଁ ଶ୍ରେଷ୍ଠ ଚୟନ ଏକ ଗରିବ ନିରୀହା କୁଆଁରୀର । ମନର ଭଉଁରୀରେ ଅନେକ ଆଶା ବେଳେବେଳେ ମୀନ ସାଜି ଆସନ୍ତି ମାୟାଜାଲ ବିସ୍ତାର କରିବା ପାଇଁ । ଏହାହିଁ ସୃଷ୍ଟିର ଶ୍ରେଷ୍ଠ ପ୍ରହେଳିକା । କାହିଁକି କେଜାଣି ସେ ଆଜିଯାଏ ବଞ୍ଚି ରହିଲା ସେ ଜାଣେନି । ବେଳେବେଳେ ଅନେକ ନିଷ୍ଠୁର ଭାବଧାରା କ୍ଷତବିକ୍ଷତ କରେ ତାର ମନକୁ । ସେ ଚାହେଁ ଏକ ବିଦ୍ରୋହ, ଏକ ଉଦ୍‌ଗିରଣ, ଏକ ଅବିଶ୍ରାନ୍ତ ସ୍ଫୁରଣ, ଏକ ଚେତନାର, ଯେଉଁଥିରେ ନାରୀତ୍ୱର ବାସ୍ତବ ରୂପ ପ୍ରତିପାଦିତ ହେବ । ଏକ ସୃଷ୍ଟିକାରିଣୀ ଝରା ନିର୍ଝରିଣୀର ସତ୍ତା ଉପଲବ୍ଧି କରି ହେଉଥିବ । ସଭ୍ୟତାର ମାପକାଠିରେ ଏକ ବିକୃତ ମାନସିକତାର ଧ୍ୱଂସ ପାଇଯିବ । ଏମିତି ଏକ ସୁବର୍ଣ୍ଣ ବସୁଧାର ଜନ୍ମ ହେବ । ମାଟି, ପାଣି, ପବନର ସଂଜ୍ଞା ଏକ ଆତ୍ମିକ ପ୍ରଳାପରେ ବଦଳିଯିବ । ରକ୍ତମାଂସର ଶରୀର ଏକ ଆଦିଭୌତିକ ଭାବଧାରା ବହନ କରି ସତ୍ୟ, ଶାନ୍ତି, ଦୟା, କ୍ଷମାର ଅମ୍ଳାନ ସ୍ୱର୍ଣ୍ଣ ଲେପନ କରିବ ।

ଇତିମଧ୍ୟରେ ଦୁଇଗୋଟି ବିଶ୍ୱଯୁଦ୍ଧ ସଂଗଠିତ ହୋଇସାରିଛି । ଜନମାନସରେ ଏକ ନିଷ୍ଠୁର ଭୟାବହତାର ଚିହ୍ନ ଛାଡ଼ିଦେଇଯାଇଛି । ଯୁଦ୍ଧ କ'ଣ ଶାନ୍ତି ପାଇଁ ଆବଶ୍ୟକ ? ଏକ ଅହେତୁକ ପ୍ରଶ୍ନ । ସାଧାରଣ ଜନତାର ଅଲୋଡ଼ା ପଦାର୍ଥ । ମୃତ୍ୟୁବରଣ କରିଛି ମନୁଷ୍ୟର ବିବେକ । ତପ୍ତ ରକ୍ତର ସୁଅ ଛୁଟିଛି କେତେ । କିଛି ଜାଣିବା ପୂର୍ବରୁ କଅଁଳ ଶିଶୁଟିର ଜୀବନଦୀପ ନିର୍ବାପିତ ହୋଇଯାଇଛି । ରାସ୍ତାରେ ସ୍କୁଲ୍ ପିଲାଟି ତା'ର ଶେଷ ନିଃଶ୍ୱାସ ତ୍ୟାଗ କରିଛି । ମାତୃଗର୍ଭରେ ସଞ୍ଚରିତ ଶିଶୁଟିକୁ ଜନ୍ମଦେବା ପୂର୍ବରୁ ମା' ହଜିଯାଇଛି ମୃତ୍ୟୁର କୋଳରେ । ଇଚ୍ଛାମୃତ୍ୟୁ ନୁହେଁ, ଶାନ୍ତିମୃତ୍ୟୁ ନୁହେଁ - ଏକ ତାଣ୍ଡବ ମୃତ୍ୟୁ । ଏକ ସ୍ୱପ୍ନାତୀତ ବିଭୀଷିକାର କରୁଣ ଆତ୍ମକାହାଣୀ । ତଥାପି ବଞ୍ଚିଛି ତା'ର ସହୋଦର । ଅନେକ ବ୍ୟଥିତ ଆଶା ନେଇ । ବଞ୍ଚି ବଞ୍ଚି ମରିଯାଇଛି ସେ । ତଥାପି ବଞ୍ଚିଛି । ଦେହର ମୃତ୍ୟୁ ଅଛି, କିନ୍ତୁ ମନର ମୃତ୍ୟୁ ନାହିଁ । କଳଙ୍କ ଦେହାତୀତ । ଦେହ ଅବସାନରେ ଶେଷ ହୁଏନାହିଁ । ଏକ କଠିନ ମାନସିକତା, ଏକ ରୁଗ୍‌ଣ ଚିନ୍ତାଧାରା । ଏହା ଏକ ଆପେକ୍ଷିକ ଚିନ୍ତାଧାରା । କଳଙ୍କ-ନିଷ୍କଳଙ୍କ ଏକ ମାନସିକ ସ୍ଥିତି, ମନୁଷ୍ୟ ସୃଷ୍ଟ । ଯାହାକୁ ପାଥେୟ କରି ଅନେକଙ୍କର ଇଚ୍ଛାମୃତ୍ୟୁ ଆସେ । ଜହ୍ନରେ କଳଙ୍କ ଅଛି । ଜହ୍ନ ବି ସୁନ୍ଦର ।

ପାର୍ଥିବ ଦୁନିଆରେ ବଞ୍ଚିବାର ଅଧିକାର ସମସ୍ତଙ୍କର ଅଛି । ମୃତ୍ୟୁ ଆସେ ମୃତ୍ୟ ବିରୋଧରେ ସଂଗ୍ରାମ କରି । ଦୁନିଆ ରଙ୍ଗମଞ୍ଚରେ ସମସ୍ତେ ଅଭିନୟକାରୀ । କିଏ ଜାଣେ କାଲି କ'ଣ ହେବ ? କିନ୍ତୁ ଭୟ ଲାଗେ । ମରିବାର ମାପକାଠିରେ ବଞ୍ଚିବା ମପାଯାଇପାରିବ ନାହିଁ । "ମୁଁ ବଞ୍ଚିଛି ନା ମରିଛି ତା' ମୁଁ ଜାଣେନା" - ଏମିତି ଭାବନା ଅନିଶ୍ଚିତ ଯାହାର ମୂଲ୍ୟବୋଧ କିଛି ନାହିଁ ।

ସାଗରିକା ବଞ୍ଚିଛି । ତାହାହିଁ ଯଥେଷ୍ଟ । ସାଗର ବୁକୁରେ ଅନେକ ଶାମୁକା । ଶାମୁକା ଭିତରେ ମୁକ୍ତା ଆଉ ଶାମୁକାର ସ୍ୱପ୍ନ ଅନେକ । ସ୍ୱପ୍ନ ଆଉ ଜହ୍ନର ସମ୍ମିଶ୍ରଣ ଏକ ସୁନ୍ଦର ଅନୁଭବ । ସୃଷ୍ଟିର ସମସ୍ତ ସବୁଜିମା ସ୍ୱପ୍ନର ପରିଭାଷା । ସ୍ୱପ୍ନର ମୃତ୍ୟୁ ନାହିଁ । ସ୍ୱପ୍ନ ଏକ ନରମ ଜୀବନ । ଏକ କରୁଣ ଆବେଦନ । ଏକ ସୁନ୍ଦର ଉପହାର । ବଞ୍ଚିବାର ନିଶ୍ୱାସ । ସାଗରିକା ବଞ୍ଚେ ଏଇ ନିଶ୍ୱାସ ଭିତରେ । କଳଙ୍କର ଅଧ୍ୟାୟରେ ସେ କଳଙ୍କିତ ନୁହେଁ ।

ବ୍ରହ୍ମବରଦା ମହାବିଦ୍ୟାଳୟ

# ଅତୀତ ହିଁ କେବଳ ସ୍ମୃତି

- ମନୋରଞ୍ଜନ ଦାସ

ସତ୍ୟପ୍ରକାଶ ବହୁଦିନର ପ୍ରତୀକ୍ଷା ପରେ ଦିନେ ଆସି ଗାଁ ମୁଣ୍ଡ ବରଗଛ ମୂଳେ ବସିଥାଏ । ମନରେ ତା'ର ଅନେକ ପ୍ରଶ୍ନ । ଅନ୍ତରରେ ଅନେକ ବେଦନା । ଅତୀତକୁ ଭାବି ଭାବି ଝାଉଁଳି ପଡ଼ିଛି । ଲୁହ ଛଳଛଳ ଆଖିରେ ଦୂରକୁ ଚାହିଁ ରହିଥାଏ । ଘଣ୍ଟା ପରେ ଘଣ୍ଟା ଗଡ଼ି ଚାଲିଲା ହେଲେ ମନ ହେଉ ନ ଥାଏ ଘରକୁ ଫେରିବାକୁ ।

ନିସ୍ତବ୍ଧ ମଧ୍ୟାହ୍ନ । ହଠାତ୍ କେହି ଜଣେ ଆସି ପଛ ପାଖରେ ଠିଆହୋଇ ତା'ର କାନ୍ଧ ଉପରେ ହାତ ପକାଇ କହିଲା, "ବନ୍ଧୁ, ଅପାସୋରା ଅତୀତକୁ ମନେପକାଇ ବର୍ତ୍ତମାନକୁ ଅଯଥାରେ ବିଛାଇ ଦିଅନାହିଁ । ଅତୀତ କେବେ ଫେରିଆସେ ନା । ତାହା କେବଳ ସ୍ମୃତି ।

ସତ୍ୟପ୍ରକାଶ ଓ ଯଦୁନାଥ ଦୁଇଜଣ ପିଲାଦିନର ବନ୍ଧୁ । ସତ୍ୟପ୍ରକାଶ ଜଣେ ଧନୀ ବ୍ରାହ୍ମଣ ପରିବାରର ପିଲା । ଯଦୁନାଥର ଗୋଟିଏ ହରିଜନ ପରିବାରରେ ଜନ୍ମ । ଦୁଇଜଣ ଦୁଇଟି ପାଖାପାଖି ଗାଁ'ରେ ରହୁଥାନ୍ତି । ଦୁହେଁ ଗୋଟିଏ ବିଦ୍ୟାଳୟରେ ଏବଂ ଗୋଟିଏ ଶ୍ରେଣୀରେ ପାଠ ପଢ଼ନ୍ତି । ଦୁଇଜଣଙ୍କ ମଧ୍ୟରେ ଅତ୍ୟନ୍ତ ଅନ୍ତରଙ୍ଗତା ବଢ଼ିଚାଲିଲା । କେହି କାହାଠାରୁ ମୁହୂର୍ତ୍ତକ ପାଇଁ ଅଲଗା ହୋଇ ରହିପାରିଲେ ନାହିଁ । ପ୍ରତ୍ୟେକ ଦିନ ବିଦ୍ୟାଳୟରୁ ଫେରିବାବେଳେ ସତ୍ୟପ୍ରକାଶ ଯଦୁନାଥର ଘର ବାଟ ଦେଇଯାଏ । ଯଦୁନାଥର ପରିବାର ଗରୀବ ହେଲେ ବି, ଅତ୍ୟନ୍ତ ସ୍ନେହୀ । ସତ୍ୟପ୍ରକାଶକୁ ଦେଖି ଯୁଦନାଥର ମା' ଭାରି ଖୁସି ହୋଇଯା'ନ୍ତି । ଡାକି କରି ପାଖରେ ବସାଇ ବହୁତ ଗେହ୍ଲା କରନ୍ତି । ଦୁଇଜଣଯାକ ସାଥି ହୋଇ ଅନେକ ସମୟରେ ଯଦୁନାଥ ଘରେ ଖାଆନ୍ତି । ଏକଥା କିନ୍ତୁ ସତ୍ୟପ୍ରକାଶର ମା' ଏବଂ ଜେଜେ ମା' ଜାଣନ୍ତି ନାହିଁ । ସେମାନଙ୍କ ମଧ୍ୟରେ ଛୁଆଁଅଛୁଆ ଭେଦଭାବ, ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଭରି ରହିଥାଏ । ଯଦୁନାଥ ଯେତେବେଳେ ସତ୍ୟପ୍ରକାଶର ଘରକୁ ଆସେ ତା'ର ମା' ଓ ଜେଜେ ମା' ବହୁଭାବରେ ବାରଣ କରନ୍ତି । ପିଲାଟିକୁ ଘରେ ପୂରାନ୍ତି ନାହିଁ ସତ୍ୟପ୍ରକାଶକୁ ତା'ର ସାଙ୍ଗ ନ ହେବାପାଇଁ ବାରଣ କରନ୍ତି । ଏସବୁ ଦେଖି ସତ୍ୟପ୍ରକାଶ ବହୁତ ଦୁଃଖିତ ହେଲା । ଛୋଟ ପିଲାଟିଏ ହେଲେ ବି ତା'ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଲା । ସେ ମନେ ମନେ ଭାବିଲା, ଭଗବାନ୍ ତ ଆମକୁ ମଣିଷ କରି ଗଢ଼ିଛନ୍ତି । ଆମ୍ଭେମାନେ ସମସ୍ତେ ସମାନ । ହେଲେ ମୋ ମା' ଓ ଜେଜେ ମା' କାହିଁକି ମୋ ସାଙ୍ଗକୁ ଆମ ଘରକୁ ଆସିବାକୁ ବାରଣ କରୁଛନ୍ତି ? ଯଦୁନାଥର ମା' ମୋତେ ଦେଖିଲେ କେତେ ଶ୍ରଦ୍ଧା କରନ୍ତି, ଘରକୁ ଡାକନ୍ତି । ତାଙ୍କ ହୃଦୟ ଭିତରେ ଅନ୍ୟମାନଙ୍କ ପାଇଁ ଏତେ ମମତା । ହେଲେ, ମୋ ମାଆଙ୍କ ମନରେ ଯୁଦନାଥ ପ୍ରତି ତ ଆଦୌ ମମତା ନାହିଁ । ସେ ତ କାହିଁ କୌଣସି ଦିନ ତାକୁ ପାଖକୁ ଡାକି ସ୍ନେହ କରୁନାହାଁନ୍ତି କିମ୍ବା ଦିନେ ଖାଇବାକୁ ଡାକୁନାହାନ୍ତି, ବରଂ ସେ ହରିଜନ ପିଲା ବୋଲି ତାକୁ ଘରେ ପୁରାଇବୁ ନାହିଁ ବୋଲି ମତେ ନାଲି ଆଖି ଦେଖାଇ ପାଟି କରୁଛନ୍ତି । ତେବେ କ'ଣ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିବା ମା'ମାନଙ୍କର ହୃଦୟରେ ମମତା ନାହିଁ ? ସେମାନେ କ'ଣ ହରିଜନ ପରିବାରର ମା'ମାନଙ୍କ ଠାରୁ ଭିନ୍ନ ? ଏଭଳି ଅନେକ ପ୍ରଶ୍ନ ତା' ମନ ଭିତରେ ଆସିଲା । ସେ ଦିନେ ହଠାତ୍ ଚଢ଼ା ଗଳାରେ ତା'ମାଆକୁ କହିପକାଇଲା । ମା' ତୋ' ଠାରୁ ମୋ'ସାଙ୍ଗ ଯଦୁନାଥର ମା' ଖୁବ୍ ଭଲ । ତୁ ବ୍ରାହ୍ମଣ କୁଳରେ ଜନ୍ମ ହେଲେ ବି ତୋ' ଅନ୍ତର ଛୋଟ । ସେ ହରିଜନ ହେଲେ ବି ତାଙ୍କ ଅନ୍ତର ବହୁତ ବଡ଼ । ସେ ବହୁତ ସ୍ନେହୀ । ଏ କଥା ଶୁଣି ମା' ରାଗିଯାଇ ସତ୍ୟପ୍ରକାଶକୁ ବାଡ଼େଇଲେ ଏବଂ ଯଦୁନାଥ ସହ ସାଙ୍ଗ ନ ହେବା ପାଇଁ ବାରଣ କରି ଦୁଇତିନିଦିନ ସ୍କୁଲ୍ ବନ୍ଦ କରିଦେଲେ । ମା'ସିନା ଆକଟ କରି ସତ୍ୟପ୍ରକାଶକୁ ଅଟକାଇଦେଲେ । ହେଲେ ସତ୍ୟପ୍ରକାଶର ମନ ଯଦୁନାଥ ଓ ତା'ର ମା'କୁ ଦେଖିବାକୁ ଅସମ୍ଭାଳ ହେଉଥାଏ । ଏଣେ ଯଦୁନାଥ ମଧ୍ୟ ସତ୍ୟପ୍ରକାଶକୁ ବିଦ୍ୟାଳୟକୁ ନ ଆସିବାର ଦେଖି ତା'ର ମନ ସମ୍ଭାଳି

ହେଲାନାହିଁ । ବିଦ୍ୟାଳୟ ଛୁଟିପରେ ଘରେ ବହି ବ୍ୟାଗ୍‌ଟିକୁ ଥୋଇ ଦେଇ ନ ଖାଇ ନ ପିଇ ଦୌଡ଼ି ଚାଲିଗଲା ସତ୍ୟପ୍ରକାଶ ଘରକୁ । ଯଦୁନାଥକୁ ଦେଖି ସତ୍ୟପ୍ରକାଶର ମା' ବହୁତ ବିରକ୍ତି ହେଲେ ଏବଂ ଗାଳିଗୁଲଜ କରି ତାଙ୍କ ଘରୁ ପଳାଇ ଯିବା ପାଇଁ ଧମକ ଦେଲେ । ସତ୍ୟପ୍ରକାଶ ସହ ଦେଖାକରାଇ ଦେଲେ ନାହିଁ । ଯଦୁନାଥ ବହୁତ ସମୟ ଅପେକ୍ଷା କରିବା ପରେ ସନ୍ଧ୍ୟା ହୋଇଆସିବାରୁ ମନ ଦୁଃଖରେ ଆଖିରେ ଆଖିଏ ଲୁହ ନେଇ ଫେରିଆସିଲା । ହେଲେ ମନ ତା'ର ଥାଏ ସତ୍ୟପ୍ରକାଶ ପାଖରେ । ଫେରିବା ବାଟରେ ସତ୍ୟପ୍ରକାଶ କଥା ଭାବି ଭାବି ଅନ୍ଧାରରେ ବାଟ ହୁଡ଼ି ରାସ୍ତାକଡ଼ରେ ଗୋଟାଏ ପଥରରେ ଝୁଣ୍ଟି ପଡ଼ିଗଲା । ପଥରରେ ବାଡ଼େଇହୋଇ ମୁଣ୍ଡ ଫାଟିଯାଇଥାଏ । ଗୋଟିଏ ଶୁଖିଲା ଖୁଣ୍ଟରେ କେଞ୍ଚି ହୋଇ ଆଖିରୁ ମଧ୍ୟ ଧାର ଧାର ରକ୍ତ ବୋହି ଯାଉଥାଏ । ପଡ଼ିରହି ଖୁବ୍ ଜୋର୍‌ରେ ସତ୍ୟପ୍ରକାଶ ଦୌଡ଼ି ଆ.... ସତ୍ୟପ୍ରକାଶ ଦୌଡ଼ିଆ.... କହି କାନ୍ଦୁଥାଏ । ତେଣେ ଯଦୁନାଥର ବାପା ତାକୁ ଖୋଜି ଖୋଜି ଆସି ବାଟରେ ପୁଅର ଏ ଅବସ୍ଥା ଦେଖି, ତାକୁ ଉଠାଇ ଡାକ୍ତରଖାନା ନେଇଗଲେ । ସେଠି ଦେଖନ୍ତି ତ ତା'ର ବାମ ଆଖିଟି ନଷ୍ଟ ହୋଇଯାଇଛି । ମୁଣ୍ଡ ମଧ୍ୟ ଖୁବ୍ ଜୋର୍‌ରେ ଫାଟିଯାଇଛି । ତା'ପରଦିନ ସକାଳେ ଏ କଥା ସତ୍ୟପ୍ରକାଶ କାନରେ ବାଜିଲା । ସେ ସଙ୍ଗେ ସଙ୍ଗେ କାହାକୁ ନ ଜଣାଇ ଲୁଚିକରି ଘରୁ ଦୌଡ଼ି ଚାଲିଆସିଲା ଡାକ୍ତରଖାନାକୁ । ସେଠି ଯଦୁନାଥର ଏ ଅବସ୍ଥା ଦେଖି ତାକୁ ଧରି ଖୁବ୍ ଜୋର୍‌ରେ କାନ୍ଦି କାନ୍ଦି ତା' ମୁଣ୍ଡରେ ହାତ ରଖି ବିଛଣା ପାଖରେ ବସିରହିଲା । ତା'ମାଆଙ୍କର ଏପରି ଚିନ୍ତାଧାରା ଓ ଏପରି ବ୍ୟବହାର ପାଇଁ ମନେ ମନେ ଖୁବ୍ ରାଗୁଥାଏ ଏବଂ ଦୁଃଖ ମଧ୍ୟ କରୁଥାଏ । ତା'ମାଆଙ୍କର ଛୁଆଁ-ଅଛୁଆଁ ଭେଦଭାବ ଓ ଅଛୁଆଁ ଜାତି ପ୍ରତି ଘୃଣାଭାବ ଯୋଗୁଁ କୋମଳମତି ପିଲାଟିଏ ସବୁଦିନ ପାଇଁ ଆଖିଟିଏ ହରାଇଲା । ଏକଥା ଭାବି ସମାଜରେ ତିଷ୍ଠି ରହିଥିବା ଏପରି ଜାତିଆଣ ଭାବକୁ ନିୟନ୍ତ୍ରଣ କରିବା ସିହତ ତାକୁ ଏପରି ଏକ ରକ୍ଷଣଶୀଳ ସାମାଜିକ କୁସଂସ୍କାରପୂର୍ଣ୍ଣ ପରିବାରରେ ଜନ୍ମ ଦେଇଥିବାରୁ ଭଗବାନ୍‌ଙ୍କୁ ଦୋଷ ଦେଇ ନିଜ ଜୀବନକୁ ଧିକାର କରି କହିଲା, "ପ୍ରଭୁ ଯେଉଁ କୁଳରେ ଜନ୍ମ ହେଲେ ମଣିଷ ମଣିଷକୁ ଛୁଇଁପାରିବ ନାହିଁ । ତା'ଘରକୁ ଯାଇପାରିବ ନାହିଁ । ମାତୃତ୍ୱର ସ୍ନେହରୁ ଅନ୍ୟ ପିଲାମାନଙ୍କୁ ବଞ୍ଚିତ କରାଯାଏ । ସେଭଳି କୁଳରେ ଆଉ ମୋତେ ଜନ୍ମ ଦେବନାହିଁ ।" ଠିକ୍ ଏତିକିବେଳେ ସତ୍ୟପ୍ରକାଶର ମା' ସତ୍ୟପ୍ରକାଶକୁ ଖୋଜି ଖୋଜି ଆସି ଡାକ୍ତରଖାନାରେ ପହଞ୍ଚିଗଲେ । ସତ୍ୟପ୍ରକାଶକୁ ପାଟିକରି ଜବରଦସ୍ତ ଅନ୍ୟପିଲାଙ୍କ ମାଧ୍ୟମରେ ସେଠାରୁ ନେଇ ଚାଲିଗଲେ ସତ, ପଦୁଟିଏ ବି ଯଦୁନାଥର ଏ ଅବସ୍ଥା ଦେଖିକରି କହିଲେ ନାହିଁ କି ତା'ବିଛଣା ବା ସତ୍ୟପ୍ରକାଶକୁ ମଧ୍ୟ ଛୁଇଁଲେ ନାହିଁ । ଘରେ ପହଞ୍ଚିବା ପରେ ସତ୍ୟପ୍ରକାଶର ପୋଷାକ ବଦଳାଇ ତାକୁ ମାଡ଼ ମାରି ଘରେ ବସାଇଦେଲେ । ଯଦୁନାଥ । ଯଦୁନାଥ ପାଖରୁ ସବୁଦିନ ପାଇଁ ତାକୁ ଦୂରେଇ ରଖିବା ପାଇଁ ତା' ପରଦିନ ସକାଳୁ ସତ୍ୟପ୍ରକାଶକୁ ମାମୁଘରକୁ ପଠାଇ ଦିଆଗଲା । ସେହିଦିନ ଠାରୁ ସେ ଦୂର ଗାଁରେ ମାମୁ ଘରେ ରହି ପାଠ ପଢ଼ିଲା ସତ, କିନ୍ତୁ ସବୁବେଳେ ଯଦୁନାଥକୁ ମନେ ପକାଇ କାନ୍ଦୁଥାଏ । ପାଠପଢ଼ାରେ ମନ ଲାଗୁ ନଥାଏ । ଏହା ମଧ୍ୟରେ ପାଞ୍ଚ/ଛଅ ବର୍ଷ ବିତିଗଲା । ବିଦ୍ୟାଳୟର ପଢ଼ାସାରି କଲେଜ ପାଠ ପଢ଼ିଲା । କିନ୍ତୁ ଆଉ ଗାଁ'କୁ ଫେରିନଥିଲା ସତ୍ୟପ୍ରକାଶ । ଅନେକ ସମୟରେ ମାମୁଁ ଘରେ ଗାଁ ମୁଣ୍ଡ ବରଗଛ ମୂଳେ ବସି ଆଖିରୁ ଲୁହଗଡ଼ାଇ ଯଦୁନାଥର ଏପରି ଅବସ୍ଥା କଥା ମନେପକାଇ ନିଜ ମା'ଙ୍କ ଭାବନା ଓ କର୍ମକୁ ନିନ୍ଦା କରେ । ଯଦୁନାଥ ମଧ୍ୟ ପାଠପଢ଼ା ଛାଡ଼ିଦେଇ ନିଜ ଗାଁରେ ଅନ୍ଧ ହୋଇ ଦିନକାଟୁଥାଏ । ତଥାପି ସୁଦ୍ଧା ତା'ର ପିଲାଦିନର ବନ୍ଧୁ କଥା ମନେପକାଇ ମନେ ମନେ ଖୋଜୁଥାଏ । ଦିନେ ହଠାତ୍ ଖୋଜି ଖୋଜି ଆସି ସତ୍ୟପ୍ରକାଶର ମାମୁଁଘର ଗାଁରେ ନିଜ ପୂର୍ବ ସ୍ମୃତିର ଅନୁସନ୍ଧାନରେ ପହଞ୍ଚିଗଲା ।

ସୁକିନ୍ଦା, ଯାଜପୁର

*Join Now!* *Join Now!!* *Join Now!!!*

# MATRUSHAKTI STUDY POINT

*(A Unit of Innovation, Dedication & Care)*

MS

ESTD 2009

**Nayabazar, Cuttack-4,**
**Student Care : 9437107857, 9437563030**
**9776340495, 9861268704**
**E-mail : matrushakti2009@gmail.com**

***Our Salient Features :***

- *The teaching is produced by highly experienced faculty members on the latest trend of the BSE.*
- *Study material prepared by qualified faculty in each subject*
- *Predict future paper trends with* MATRUSHAKTI STUDY POINT ***Test Series*** *every month to give student's practice and more practice.*
- *Stay informed about latest trends syllabus, new study techniques, time management skills and much more.*
- *Confidence building exercise with self test.*
- *Xtra Funda*
- *Problem Solving desk.*
- *Reasonable Fees*

*Your Success*
*Our Aim*

**For**
**Class V to X,**
**+2 Arts,**
**Sc., Com.**

**Admission**
**Open**
**for +3 Arts**
**(All Subject)**

**Result Analysis**
**(through SMS**
**to parents)**

**Admission going on**

# ଗଙ୍ଗାଧରଙ୍କ ଓଡ଼ିଶା ଭ୍ରମଣ

- ବିଚିତ୍ରାନନ୍ଦ ପଣ୍ଡା

ଗଙ୍ଗାଧରବାବୁ ଧଳା ପଇସାରେ ଧଳା ଘରଟିଏ କରିଥା'ନ୍ତି ଅକ୍ଳାନ୍ତ ପରିଶ୍ରମ କରି । ଦୁଇପୁଅ ଏବଂ ତାଙ୍କ ସହଧର୍ମିଣୀଙ୍କୁ ନେଇ ଛୋଟ ପରିବାରଟିଏ । ଦୁଇ ପୁଅ +୩ରେ ଉତ୍ତୀର୍ଣ୍ଣ ହେଲାପରେ ଜଣେ ଡାକଘରେ ଏବଂ ଅନ୍ୟ ପୁଅଟି ରାଜସ୍ୱ ନିରୀକ୍ଷକ ଭାବେ ନିଯୁକ୍ତି ପାଇଥାନ୍ତି । ବିଭାଘର ବୟସ ପାଖେଇ ଆସୁଥିବାରୁ ଗଙ୍ଗାଧରବାବୁ ଟିକେ ଚିନ୍ତିତ ଥା'ନ୍ତି ।

କିଛିଦିନ ଉତ୍ତାରୁ ଜଣେ ମଧ୍ୟସ୍ଥି ଦୁଇଟି ପ୍ରସ୍ତାବ ଧରି ଗଙ୍ଗାଧରବାବୁଙ୍କ ଘରେ ପହଞ୍ଚିଲେ । ବରକନ୍ୟାଙ୍କର ରାଜଯୋଟକ ପଡୁଥିବାରୁ ଗଙ୍ଗାଧରବାବୁ ଓ ତାଙ୍କ ପତ୍ନୀ ବହୁତ ଖୁସି ହୋଇଗଲେ ଏବଂ ଏକା ବର୍ଷକେ ଦୁଇଟି ବିବାହ ସାରିଦେବେ ବୋଲି ବିଚାର କଲେ । ଗୋଟିଏ ବୋହୂଘର ମନ୍ଦାରପୁରରେ ହୋଇଥିବାରୁ ଆରଟି ଗୋପୀନାଥପୁରରେ । ମଧ୍ୟସ୍ଥି ଗଙ୍ଗାଧରଙ୍କୁ ବୋହୂ ଦେଖେଇବାକୁ ନେଇଗଲେ ଏବଂ ଗୋଟିଏ ଦିନରେ ଦୁଇଟି ବୋହୂ ଦେଖା ସରିଗଲା । କନ୍ୟା ବି ମନକୁ ପାଇଲା । ପୁଅ ଝିଅକୁ ଦେଖିବ କି ବୋଲି ମଧ୍ୟସ୍ଥି ଜଣକ ପଚାରିବାରୁ ଗଙ୍ଗାଧର ଏଥିରେ ସମ୍ମତ ପ୍ରକାଶ କଲେ ନାହିଁ ।

ଯୌତୁକ କଥା କନ୍ୟା ପିତାମାନେ ପଚାରିବାରୁ ଯୌତୁକ ସମାଜର କଳଙ୍କ ଏ କଥା ଗଙ୍ଗାଧର କନ୍ୟାପିତାମାତାଙ୍କୁ ବୁଝାଇଦେଲେ । ଝିଅଟିଏ ଆମେ ଯେତେବେଳେ ଜନ୍ମ ଦେଇଛୁ ଯାହାହେଲେ ଆମେ କିଛି ଦେବୁ ନା' - ଗୋଟେ ଦାଣ୍ଡ ସୁନ୍ଦର ଅଛି ତ ? ଏକାପରି କଥା ଉଭୟ କନ୍ୟାପିତାମାନେ କହିଲେ । ଗଙ୍ଗାଧରବାବୁ ତାଙ୍କ ମନ୍ତବ୍ୟ ଜଣେଇ ଦେଇଥିବାରୁ ଏ ସମ୍ବନ୍ଧରେ ଅଧିକ କିଛି କହିବାକୁ ଉଚିତ୍ ମନେ କଲେ ନାହିଁ ।

କିନ୍ତୁ ଗୋଟିଏ କଥା ଜୋର୍‌ଦେଇ କହିଲେ ଆମ ବରଯାତ୍ରୀମାନଙ୍କୁ ଠିକ୍ ଭାବେ ଚର୍ଚ୍ଚା କରିବେ, ଯେମିତି ମୋ ମୁଣ୍ଡ ତଳକୁ ନ ହୁଏ ; କିନ୍ତୁ ମନେରଖିବେ ଆଜିକାଲି ଯେମିତି ଭିକାରୀ ପରି ଥାଳିଧରି ଖାଇବାକୁ ମାଗୁଛନ୍ତି, ସେପରି ବ୍ୟବସ୍ଥା କରିବେ ନାହିଁ । ସମସ୍ତେ ସମସ୍ତଙ୍କ କଥାରେ ରାଜି ହୋଇଗଲେ ସିନା ମନ୍ଦାରପୁର ଝିଅ କହିଲା, ମୁଁ ପୁଅକୁ ନ ଦେଖିଲେ ବିଭା ହେବିନି । ଅନ୍ୟ ଝିଅଟି ପୁଅର ସହପାଠୀ ହୋଇଥିବାରୁ ପୁଅକୁ ଦେଖିବାର ସ୍ୱର ଉଠିଲା ନାହିଁ । ଗଙ୍ଗାଧରବାବୁ ଏଥିରେ ରାଜି ନ ଥିଲେ ମଧ୍ୟ ଅଗତ୍ୟା ହଁ ଭରିବାକୁ ବାଧ୍ୟ ହେଲେ । ଶେଷରେ ସବୁକଥା ଛିଡ଼ିଲା ପରେ ଲଗ୍ନ ଧରାଗଲା ଏବଂ ଗୋଟିଏ ଦିନରେ ଦୁଇଟିଯାକ ପୁଅ ବିଭାଘର ପାଇଁ ଦିନ ଧାର୍ଯ୍ୟ କରାଗଲା । ବିବାହ ମଧ୍ୟ ଯଥାସମୟରେ ସମ୍ପନ୍ନ କରାଗଲା । ସୁନ୍ଦରିଆ ବୋହୂ ଦୁଇଟି ପାଇ ସପତ୍ନୀକ ଖୁସି ହେବା ସହ, ବନ୍ଧୁ ପରିବାର ଓ ଆଖପାଖ ଲୋକେ ଟୁପୁରୁଟାପର ହେଲେ ଯାହାହେଉ ଗଙ୍ଗାଧର ଏମିତି ଦୁଇଟି ବୋହୂ ଆଣିଛି । ଅନ୍ଧାର ଘର ବି ଆଲୁଅ । ମାସେ ଖଣ୍ଡେ ଭଲରେ ଚଳିଲା ପରେ ଦୁଇ ଯା' ଆରମ୍ଭ କରିଦେଲେ ଘରଭଙ୍ଗାର ଅସଲ ଖେଳ । ସେତେବେଳକୁ ଗୋଡ଼ରୁ ଅଳତା ବି ଲିଭି ନଥାଏ । ଦୁଇ ବୋହୂ ପୁଅମାନଙ୍କ ମନରେ ମୃଦୁ ବିଷ ଭରିବା ସହିତ ଭିନ୍ନେ ହେବାପାଇଁ ଜିଦ୍ ଧରି ବସିଲେ । ଦୁଇ ଭାଇଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣକୁ ନ ଦେଖିଲେ ମନରେ ଗଭୀର କ୍ଷତ ସୃଷ୍ଟି ହୁଏ । ଆମ୍ଭେ ଭିନ୍ନେ ହେବା କଥା ବାପା ଓ ମା'ଙ୍କୁ କହିବୁ ନାହିଁ ବୋଲି ରୋକ୍‌ଠୋକ୍ ଜଣାଇଦେଲେ । ଭିତିରି କଥାର କିଛି ବାସ୍ନା ଗଙ୍ଗାଧର ଓ ତାଙ୍କ ପତ୍ନୀ ଜାଣିବାକୁ ପାଇଲେ । ଇତ୍ୟବସରରେ ଦୁଇ ବୋହୂଙ୍କୁ ଡାକି ଭିନ୍ନେ ନ ହେବାପାଇଁ ପରାମର୍ଶ ଦେଲେ । କିନ୍ତୁ ନଛୋଡ଼ବନ୍ଦା ବୋହୂଦ୍ୱୟ ତାଙ୍କ ପରାମର୍ଶକୁ ଗୋଡ଼ରେ ଆଡ଼େଇଦେଲେ ।

ଭିନ୍ନେ ହେବୁ ହେବୁ ହେବୁ - ଗୋଟିଏ ମୁହୂର୍ତ୍ତ ମଧ୍ୟ ଆମେ ତମ ବଡ଼ ପୁଅ ଓ ବଡ଼ ବୋହୂଙ୍କ ପାଖରେ ଚଳିପାରିବୁ ନାହିଁ । ଏକା କଥା ବଡ଼ ବୋହୂ ମଧ୍ୟ କହିଲା - ମୋ ଗେରସ୍ତ କ'ଣ ନିରୋଜଗାରିଆ କି, ସାନବୋହୂ କହିଲା । ଆଉ ମୋ ଗେରସ୍ତକୁ ତୁ ପୋଷୁଛୁ ? ମହାଭାରତର ପ୍ରଥମ ପର୍ବ ଆରମ୍ଭ ହୋଇଗଲା ।

ଘରଭାଙ୍ଗି ବୋହୂଗୁଡ଼ିକ ମିଳିଥିବାରୁ ଗଙ୍ଗାଧରବାବୁ ମନ କଷ୍ଟରେ ଦିନ ଗଣୁଥା'ନ୍ତି । ନିକୃଷ୍ଟ ଚିନ୍ତାଧାରାର ଲୋକଙ୍କ ନିକଟରେ ମୋ ସ୍ତ୍ରୀ ପଡୁସଛୁ ଏ କଥା ଘଟିବା ପୂର୍ବରୁ ସେ ଆରପାରିକୁ ଚାଲିଯାଉ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା କରୁଥାନ୍ତି ଗଙ୍ଗାଧର ।

ଗଙ୍ଗାଧରଙ୍କ ପାଟିରୁ କଥା ନ ସରୁଣୁ - ମନ୍ଦାରପୁର ଝିଅ ତା' ସ୍ୱାମୀକୁ କହିଲା, ଆଜିରେ ଯଦି ଅଲଗା ନ ହେବ ତାହାଲେ ମୁଁ ରଶି ଲଗେଇ ଆତ୍ମହତ୍ୟା କରିବି । ତାଙ୍କ ସ୍ୱାମୀ-ସ୍ତ୍ରୀକୁ ବୁଝାଇବାରେ ବିଫଳ ହେଲା ଉତ୍ତାରୁ କହିଲେ - ତମେ ଆତ୍ମହତ୍ୟା କରିବ କାହିଁକି, ତମ ବାପାମାଆ ଆମ ବିରୋଧରେ ମିଛ ମକଦ୍ଦମା କରିବେ କାହିଁକି, ଅନ୍ୟଥା ମୁଁ ତ କଏଦୀଖାନା ଯିବି, ପରିଣତ ବୟସରେ ମୋ ବାପା ଓ ମା'ଙ୍କୁ କାହିଁକି କଏଦୀଖାନା ପଠେଇବି । ଆଜିକାଲି ମହିଳାମାନେ ଯାହା କହିଲେ ବି ସାକ୍ଷୀର ଆବଶ୍ୟକତା ନାହିଁ; ପରନ୍ତୁ ସେମାନେ ନିଜେ ହେଉଛନ୍ତି ଗୋଟିଏ ଗୋଟିଏ ସାକ୍ଷୀ । ବହୁ ନିରୀହ ବ୍ୟକ୍ତି ବିନାଦୋଷରେ କଏଦୀ ଖଟୁଛନ୍ତି । ଅନେକ ମହିଳା ସୂର୍ପଣଖା ପରି ହୋଇଥିବାରୁ ଆଇନ୍‌ର ଆଳରେ ନିଜର ଗେରସ୍ତଙ୍କୁ କାଠି ଅଗରେ ନଚଉଛନ୍ତି ଯେଉଁମାନେ ଦୁଷ୍ଟାମହିଳା ଏବଂ ତାଙ୍କ ସ୍ୱାମୀମାନଙ୍କୁ ଅଯଥା ନିର୍ଯ୍ୟାତନା ଦେଉଛନ୍ତି ସେପରିସ୍ଥଳେ ପୁରଷମାନଙ୍କ ପାଇଁ କୋଉ ଆଇନ୍ କାମ କରିବ ? ଦୁଇଟିଯାକ ବୋହୂ ଉଚ୍ଚଶିକ୍ଷା ଲାଭ କରିଥିବାରୁ ଶାଶୂକୁ ଠାକୁର ଘରେ ସଞ୍ଜସଳିତା ଦେବା ସହ ବୋହୂମାନଙ୍କର ଶଯ୍ୟା ନିକଟକୁ ଚା' ତିଆରି କରିନେବାକୁ ପଡ଼ିଲା । ମନସ୍ତାପ ଓ ବିଷାଦଗ୍ରସ୍ତ ଜୀବନ ବୃଦ୍ଧ ଦମ୍ପତିଙ୍କୁ ଅଣନିଃଶ୍ୱାସୀ କରୁଥାଏ । ଉଚ୍ଚ ପାଠପଢୁଆ ଝିଅର ଏତେ ବୁଦ୍ଧି ଭାବି ଦୁହିଁଙ୍କ ଆଖିରୁ ପାଣି ଶୁଖୁ ନ ଥାଏ । ସବୁଦିନ ଝଗଡ଼ା ଲାଗୁଥିବାରୁ ଲୋକହସାରୁ ମୁକୁଳିବା ପାଇଁ ଗଙ୍ଗାଧର ତାଙ୍କ ସମ୍ପତ୍ତିକୁ ଦୁଇ ପୁଅଙ୍କ ମଧ୍ୟରେ ବାଣ୍ଟିଦେଲେ । ପୁଅମାନେ ନୀରବତାକୁ ମଥାପାତିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା । ଶେଷରେ ଭିନ୍ନେ ହେଲେ ।

ବଡ଼ବୋହୂ ଗେହ୍ଲେଇ ଗେହ୍ଲେଇ କହିଲା - ବାପାଙ୍କୁ ଆମେ ଖାଇବାକୁ ଦେବୁ । ସାନବୋହୂ କହିଲା, ଯେହେତୁ ମୁଁ ସାନ ମୋ' ଭାଗରେ ମା'ଙ୍କୁ ରଖିଦିଅ ।

ଆମେ କାହା ଉପରେ ବୋଝ ହେବୁନାହିଁ କହି ବୃଦ୍ଧ ଦମ୍ପତି ନିଜେ ରୋଷେଇ କରି ଖାଇଲେ । ବୋହୂମାନଙ୍କର ମନ ବି ଖୁସ୍, କାହିଁକି ନା - ଏ ବୁଢ଼ାବୁଢ଼ୀଙ୍କୁ କିଏ ଖୋସାମତ କରିବ । ବୁଢ଼ୀ କାନରେ ଏ କଥା ପଡ଼ିଲା ଉତ୍ତାରୁ ତା'ର ହୃଦ୍‌ଘାତରେ ପ୍ରାଣବାୟୁ ଉଡ଼ିଗଲା । ଗଙ୍ଗାଧର ନିଜକୁ ପକ୍ଷାଘାତ ରୋଗୀ ଭାବି ଆଖିରୁ ଲୁହ ଗଡ଼ାଇଲେ । ତା'ପରେ ସାହିର ମୁରବିମାନଙ୍କୁ ଡାକି ବୁଢ଼ୀର ଶବ ସତ୍କାର ସାରିଦେଲେ ।

ଗାଁ'ର ପ୍ରତ୍ୟେକ ସାହିରେ ତାଙ୍କ ଘର ଭଳି ଅଶାନ୍ତି, ଅଘଟଣ, ଝଗଡ଼ା, ହିଂସା ଇତ୍ୟାଦି ଦେଖି ଶାନ୍ତି ଉଦ୍ଦେଶ୍ୟରେ ଗଙ୍ଗାଧରବାବୁ ଘରଛାଡ଼ି ଓଡ଼ିଶା ଭ୍ରମଣରେ ବାହାରିଲେ । ନିଃସଙ୍ଗ ଜୀବନକୁ ପାସୋରିଦେଇ ବହୁ ଦୂର ପଥର ଯାତ୍ରୀ ଭାବେ କିଛି ଜାଣିବା, ବୁଝିବା ଓ ଶିଖିବାର ଆଶାକୁ ମନରେ ବାନ୍ଧି, ଭଗବାନଙ୍କ ନିକଟରେ ଶେଷ ଜୀବନକୁ ଉତ୍ସର୍ଗ କରିବା ନିମିତ୍ତ ବାହାରିପଡ଼ିଲେ ବାବୁ ଗଙ୍ଗାଧର କିଛି ପୋଥି, ଗୀତା ଓ ଭାଗବତ ଆଦି ଗ୍ରନ୍ଥକୁ ଧରି ।

ମନର କୋହ ଓ ଲୁହକୁ ଛାତି ତଳେ ଚାପି ରଖି କିଛିବାଟ ଅତିକ୍ରାନ୍ତ କଲାପରେ ଦେଖିଲେ ଗୋଟିଏ ବାଇଚଢ଼େଇଟି କାଠିକୁଟା ଗୋଟେଇ ସୁନ୍ଦର ଘରଟିଏ ତିଆରି କରି ରହୁଛି । ଆଜିର ଯନ୍ତ୍ରୀମାନଙ୍କୁ ଯଦି ସେତିକି କାଠିକୁଟା ଦିଆଯାଏ, ତେବେ ସବୁଯାକ ପାଠ ବାଇଚଢ଼େଇର ଜ୍ଞାନ ଆଗରେ ଦିଗହରା ହୋଇଯିବ । ଯନ୍ତ୍ରୀମାନଙ୍କର ଏଥିରୁ ପ୍ରମାଣିତ ଈଶ୍ୱରଙ୍କ ସୃଷ୍ଟିରେ ଯେ କେହି ଜୀବଟିଏ ହେଉ ତାର ବାସଘର ନିର୍ମାଣ ଠାରୁ ଖାଦ୍ୟ ପର୍ଯ୍ୟନ୍ତ ସମସ୍ତେ ବ୍ୟସ୍ତ ଓ ଚଞ୍ଚଳ ତାହା ସ୍ୱୀକାର୍ଯ୍ୟ । ବାଇଚଢ଼େଇର ବସା ପବନରେ ଦୋହଲୁଥିବା ଦେଖି ଗଙ୍ଗାଧରବାବୁ ତାଙ୍କ ଜାଣନ୍ତ ପୂର୍ବରୁ ଲୁହରେ ଗାଧୋଇସାରିଥିଲେ ଏବଂ ନିନ୍ଦା କରିଥିଲେ ନିଜକୁ । ମୁଁ ତ ମୋ'ଜୀବନରେ କାହାର କିଛି କ୍ଷତି କରିନାହିଁ ଅଥଚ ଏ ପରିଣତ ବୟସରେ ମୋର ସବୁ ଥାଇ ମୁଁ ଆଜି ବାସହରା । ହେ ଈଶ୍ୱର ! ମୋତେ ଆର ଜନ୍ମରେ ବାଇଚଢ଼େଇଟିଏ କରିଦିଅ । ଏହା ଥିଲା ଗଙ୍ଗାଧରବାବୁଙ୍କ ବ୍ୟାକୁଳ କ୍ରନ୍ଦନ ।

ତା'ପରେ ଚାଲୁଥାନ୍ତି, ନଦୀ, ନାଳ, ଜଙ୍ଗଲ, ପାହାଡ଼କୁ ଅତିକ୍ରମ କରି । ଗୋଡ଼ରେ ଫୋଟକା ବି ବାହାରି ପଡ଼ିଥାଏ । ସତେଯେମିତି ସୁଦାମା କୃଷ୍ଣଙ୍କୁ ଖୋଜିବାକୁ ଯାଉଛି । ସେହି ପରିସ୍ଥିତିକୁ ଅବଲୋକନ କଲେ ଯାହାର ହେଲେ ବି ସୁଦାମାଙ୍କ କଥା ମନେପଡ଼ିବ । ଯାଉ ଯାଉ ଦେଖିଲେ ଗୋଟାଏ ଜାଗାରେ ଅଷ୍ଟପ୍ରହରୀ ଅଖଣ୍ଡ ନାମଯଜ୍ଞ ସଂକୀର୍ତ୍ତନ ହେଉଛି । ମନେମନେ ବହୁତ ଖୁସି ହେଲେ ଏବଂ ଭାବିଲେ ଏଠାରେ କିଛି ଶାନ୍ତିର ଦର୍ଶନ ମିଳିବ । କୀର୍ତ୍ତନ ମଣ୍ଡଳୀଙ୍କ ସହ ନାମଧରି ଅଷ୍ଟପ୍ରହରୀ ଯଜ୍ଞ ଚାରିପଟେ ଦୁଇଚାରି ଘେରା ବୁଲିଛନ୍ତି କି ନାହିଁ ମୃଦଙ୍ଗ ବାଦକ ପାଟିରୁ ଭଣକରି ମଦବାସ୍ନା ବାହାରିଆସିଲା । ଗଙ୍ଗାଧର ଲୋକମାନଙ୍କୁ କହିଲେ, ତୁମ୍ଭେମାନେ ଏଠି ମଦ ପିଇ ହରିନାମ ସଂକୀର୍ତ୍ତନ କରୁଛ ? ଲୋକମାନେ ଯଥା ଉତ୍ତର ରଖିଲେ - ବହୁ ବାଦକ ମଦ ନ ପିଇଲେ ଠିକ୍‌ଭାବେ ତାଳରେ ଲୟ ରଖିପାରୁନାହାନ୍ତି । ସାଧୁ ସାଧୁ କହି ସେଠାରୁ ବିଦାୟ ନେଲେ ଗଙ୍ଗାଧର ।

ପୁଣି ଚାଲିଲେ । ଯିବା ବାଟରେ ଦେଖିଲେ ଗୋଟେ ଜାଗାରେ ବିରାଟ ଗଣ୍ଡଗୋଳ ଚାଲିଛି । ମୁଥ ମରାମରି, ମୁଣ୍ଡ ଫଟାଫଟି ପର୍ଯ୍ୟନ୍ତ କଥା ଗଲାଣି । ଗଙ୍ଗାଧର ପଚାରିଲେ ଏମାନେ ଗଣ୍ଡଗୋଳ କ'ଣ ପାଇଁ କରୁଛନ୍ତି ? ଜଣେ ଲୋକ ଉତ୍ତର ଦେଲା, ଆପଣ ସେଥିରେ ଆଦୌ ମୁଣ୍ଡ ପୁରାନ୍ତୁ ନାହିଁ । ଆପଣଙ୍କୁ ବି ଗୋଟେ ଅଧେ ହୋଇଯିବ । ଦୁଇ ରାଜନୀତିଆ ଦଳଙ୍କ ଭିତରେ ଗଣ୍ଡଗୋଳ ଚାଲିଛି । ଆପଣ ଏଠାରୁ ଚାଲିଯାଆନ୍ତୁ । ଗଙ୍ଗାଧର କହିଲେ ହଉ ଭାଇ ସମୟ ତ ବର୍ତ୍ତମାନ ସେଇୟା - କିଏ ରାଜଗାଦି ଭୋଗ କରିବ । ଏମାନେ ହଣାକଟା ହୋଇ ମରୁଛନ୍ତି । ହାଏରେ ବିଧାତା !!

ଅନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଆପଣେଇ ପୁଣି ଆଗକୁ ଚାଲିଲେ ଗଙ୍ଗାଧର । କିଛି ବାଟ ଗଲାପରେ ପଶ୍ଚିମ ଓଡ଼ିଶାରେ ପହଞ୍ଚି ଦେଖନ୍ତିତ କୃଷକମାନେ ଧର୍ମଘଟ ଡାକରା ଦେଇଥିବାରୁ ସବୁ ଦୋକାନବଜାର ବନ୍ଦ । ଗଙ୍ଗାଧର ସେଠାରେ ଜଣକୁ କହିଲେ, ଟାୟାର ଜାଳି ରାସ୍ତାଘାଟ, ଦୋକାନବଜାର ବନ୍ଦ କରିଦେଲେ ଆମର ପ୍ରଭୁତ ରାଜସ୍ୱ କ୍ଷତି ସହ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ସେମାନଙ୍କ ଭିତରୁ ଜଣେ କହିଲା, ଏଇଟା ହେଉଛି ଓଡ଼ିଶା ରାଜନୀତି । ଉକ୍ତ ପନ୍ଥା ଅବଲମ୍ବନ କଲେ ସରକାରଙ୍କ ନିଦ ଭାଙ୍ଗେନା । ତମେ କ'ଣ ଖବରକାଗଜ ପଢୁନ କି ? ଏଠି ପ୍ରାୟ ଚାଷୀ ଆତ୍ମହତ୍ୟା ଲାଗି ରହିଛି । ତମେ ତମ ବାଟରେ ଯାଅ, ଭଗବାନ୍ ଚାଷୀକୂଳକୁ ରକ୍ଷା କରନ୍ତୁ କହି ଗଙ୍ଗାଧର ସେଠାରୁ ବିଦାୟ ନେଲେ । ତା'ପରେ ଯାଉ ଯାଉ ଦେଖିଲେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଝଗଡ଼ା ଲାଗିଛନ୍ତି । ସ୍ତ୍ରୀ କହୁଥାଏ ତା' ସ୍ୱାମୀକୁ - ହଇହେ ଦେଖୁନା, ତମେ କି ପାଠ ପଢ଼ିଛ ଦରମା ପଇସାରେ ଭାତଡାଲି ଗଣ୍ଡେ ଖାଇବାକୁ ମିଳୁନି, ଆମ ପଡ଼ିଶାଘରର ଟୁକୁନା ବାପାକୁ ଟିକେ ଦେଖ । ସାମାନ୍ୟ ଅମିନ ଚାକିରି ଖଣ୍ଡିଏ । ତା'ସ୍ତ୍ରୀକୁ ଦେଖ ତାଙ୍କୁ ଦେଖ, ଦେଖି ଶିଖୁନା - ତା' ସ୍ତ୍ରୀ କେମିତି ସୁନାରେ ଛାଉଣୀ ହୋଇଛି । ବଡ଼ ବଡ଼ ଅଟ୍ଟାଳିକା, ଚାରିଚକିଆ ଗାଡ଼ି, ବଡ଼ ବଡ଼ ସହରରେ ଜାଗା କିଣି କେମିତି ଅଏସ କରୁଛନ୍ତି । ତମ ଭଳିଆ ବୁଦ୍ଧୁ ତ ମୁଁ ଦୁନିଆରେ କେଉଁଠି ଦେଖିନି, ଲାଞ୍ଚ ଖାଇବା ଶିଖ । ତମ ରଙ୍ଗ ବଦଳିଯିବ । ଛିଃ ଛିଃ ରେ ଗେରସ୍ତ । ଯା'ଙ୍କ ପାଇଁ ଦାଣ୍ଡରେ ଯିବାପାଇଁ ଲାଜ ଲାଗୁଛି । ହାଏରେ ବିଧାତା ! ଶେଷରେ ଏ ହୀନସ୍ତିଆ ହାତ ଧରିବାକୁ ମୋତେ ପଡ଼ିଲା । ସ୍ୱାମୀ-ସ୍ତ୍ରୀର ପ୍ରତିବାଦ କରିବାରୁ ଝଗଡ଼ା ଏକପ୍ରକାର ଅଗ୍ନ୍ୟାହୁତି ପରି ବଢ଼ିବାକୁ ଲାଗିଲା । ଗଙ୍ଗାଧର ଏ ଘଟଣାକୁ ଦେଖି ମୁଣ୍ଡରେ ହାତ ଦେଇଦେଲେ ଏବଂ ମନେ ମନେ ଭାବିଲେ ଏଇଥିପାଇଁ ଆମ ଓଡ଼ିଶା ଗରିବ ।

ଯଦି ସରକାରୀ କର୍ମଚାରୀମାନେ ଲାଞ୍ଚ ନ ନିଅନ୍ତେ ତେବେ ସରକାର ସବୁ କର୍ମଚାରୀଙ୍କ ଦୁଇଗୁଣ ଦରମା ବଢ଼େଇ ଦେଲେ ବି ଓଡ଼ିଶା ରାଜସ୍ୱ ବଳକା ଉଛୁଳି ପଡ଼ନ୍ତା । ଛିଃ ଛିଃରେ ଲାଞ୍ଚୁଆ କର୍ମଚାରୀ । ପିଲାଙ୍କ ଚାଉଳ, କପଡ଼ା ଠାରୁ ଡାଲି, ଲୁହାଖଣି ସବୁ ଖାଇଗଲେ ହେ । ସତରେକ'ଣ ଏ ହୀନ ମାନସିକତାର ପରିବର୍ତ୍ତନ ହେବନାହିଁ । ପୁଣି ତାଙ୍କ ବାଟରେ ଚାଲିଲେ ।

କିଛିବାଟ ଗଲାପରେ ଦେଖିଲେ - ପ୍ୟାରୀବାବୁ ଜନମୋର୍ଚ୍ଚା ନାଁ'ରେ ଗୋଟେ ବିଶାଳ ସଭାର ଆୟୋଜନ କରି ନବୀନବାବୁଙ୍କ ଉପରେ ଖାଲି ବର୍ଷୁଛନ୍ତି ଏବଂ ଠିକଣା ସମୟରେ ବ୍ରହ୍ମାସ୍ତ୍ରକୁ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାକୁ ଦେବେ ବୋଲି କହୁଛନ୍ତି । ଗଙ୍ଗାଧର ମନେ ମନେ ହସିଲେ ଏବଂ



# EMERALD
## EDUCATION

+2 Science
+3 Science
(Hons & Pass)



**Hostel For Boys & Girls**

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966




ଗ୍ରାଫିକ୍ସ ଡିଜାଇନିଂ, ଡିଜିଟାଲ୍ କଲର୍ ଓ କଳାଧଳା ଜେରକ୍ସ, ଆଇଡେଣ୍ଟିଟି କାର୍ଡ୍,
ଫ୍ଲେକ୍ସ ଏବଂ ଭିନାଇଲ୍ ପ୍ରିଣ୍ଟିଂ, ଭିଜିଟିଙ୍ଗ୍ କାର୍ଡ୍, ବାର୍ଥଡେ କାର୍ଡ୍, ଷ୍ଟିକରିଂ,
ଡିଟିପି, ସ୍କାନିଂ, ଲେଆଉଟ୍, ଅଫସେଟ୍ ଓ ସ୍କ୍ରିନ୍ ପ୍ରିଣ୍ଟିଂ

ତେଲେଙ୍ଗା ବଜାର, ରଘୁନାଥଜୀଉ ମନ୍ଦିର ନିକଟ, କଟକ - ୯

ଗାରୁଗାରୁ ହୋଇ ମେଞ୍ଚାଏ ଖଣ୍ଡେ ମନକୁମନ ଗପିଗଲେ । ଏ ବ୍ରହ୍ମାସ୍ତ୍ର ପୁଣି କ'ଣ ? ଜଣେ ବ୍ରହ୍ମକୁ ଚିହ୍ନିଛନ୍ତି ବୋଲି ତ ବ୍ରହ୍ମଚାରୀ ହୋଇଛନ୍ତି । ପ୍ୟାରୀବାବୁଙ୍କ ବ୍ରହ୍ମାସ୍ତ୍ର କ'ଣ ବ୍ରହ୍ମକୁ ଛେଦିପାରିବ । ନରୋତ୍ତମ ଦାସ କହେ.....

ଗଙ୍ଗାଧରବାବୁଙ୍କ ମନଟା ଖାଲି ଉଠୁପଡ଼ ହେଉଥାଏ । କିଛିବାଟ ଗଲାପରେ ଦେଖିଲେ ଗୋଟିଏ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଖାଲି ଜିନ୍ଦାବାଦ୍ ପକାଉଥାନ୍ତି । ସେଥିମଧ୍ୟରୁ ଗୋଟିଏ ପିଲାକୁ ଡାକି ଗଙ୍ଗାଧର ପଚାରିଲେ ତମ ବିଦ୍ୟାଳୟକୁ କିଏ ଆସିଛନ୍ତି କି ? ପିଲାଟି କହିଲା, ନାହିଁ ବାବୁ ଆଜି ଆମର ମୁଖ୍ୟମନ୍ତ୍ରୀ ପାଇଁ ନିର୍ବାଚନ ହେଉଛି, ତେଣୁ ଆମେ ଆମ ନେତାଙ୍କ ସପକ୍ଷରେ ପ୍ରଚାର କରୁଛୁ । ଗଙ୍ଗାଧର କହିଲେ, ତାହାହେଲେ ଏ ଗୁଟୁଖା ପୁଡ଼ିଆ କାହିଁକି ବାଣ୍ଟୁଛ ପିଲାଟି ଉତ୍ତରଦେଲା - ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ନେତାମାନେ କେତେ କେତେ ପ୍ରଲୋଭନ ବାଣ୍ଟୁଛନ୍ତି, ଇଏତ ସାମାନ୍ୟ । ଆମେ ଯଦି ଗୁଟୁଖା ନ ବାଣ୍ଟିବୁ ତାହାଲେ ଆମକୁ ଭୋଟ ଦେବ କିଏ ? ଗଙ୍ଗାଧର କହିଲେ - ହାଏରେ ସରକାର ! ଶେଷରେ ପିଲାମାନଙ୍କୁ ଏ ହୀନ ରାଜନୀତିକୁ ଟାଣିଆଣିଲ । ମୁଣ୍ଡ ତାଙ୍କ ଘାବରେଇ ଗଲା । ଶେଷରେ ସେଠାରୁ ପ୍ରସ୍ଥାନ କଲେ; କିନ୍ତୁ ଗୋଟାଏ କଥା ଏଠାରେ କହି ରଖେ - ସରକାର ବର୍ତ୍ତମାନ ଗୁଟୁଖା ଉଠାଇ ଦେଇଥିବାରୁ ସରକାରଙ୍କୁ ଧନ୍ୟବାଦ ।

ତା'ପରେ ଉତ୍ତର ଓଡ଼ିଶା ବୁଲିବାକୁ ଗଲେ । ଦେଖିଲେ ହାତୀପଲ ଜଙ୍ଗଲରୁ ଆସି ଗାଁ'ଗଣ୍ଡା ଘରଦ୍ୱାର ଭାଙ୍ଗି ଚୂର୍‌ମାର କରିଦେଉଛନ୍ତି । ନୀଳଗିରି ବିଧାୟକ ଏଥିପାଇଁ ବିଧାନସଭାରେ ବି ଧାରଣା ଦେଇଛନ୍ତି । ହାତୀମାନଙ୍କୁ କରେଣ୍ଟ ଦେଇ ମାରିଲା ପରେ ଗଜରାଜ ଦଳ କ'ଣ ଚୁପ୍ ହୋଇ ବସିରହିବେ, ଯାହା କରିବା କଥା କରିବେ ନା ! ଜଙ୍ଗଲ କାଟି ସଫା କରିଦେଲା ପରେ ଧାନ ଖାଇବେନି, ଆଉ କ'ଣ ଉପବାସ ବ୍ରତ କରିବେ ।

ଏଇ ଭାବନା ମନରେ ଗୋଳେଇ ଘାଣ୍ଟି ହେଉଥିବା ସମୟରେ ଅନତିଦୂରରେ ଦେଖିଲେ ଚାରିଜଣ ଟୋକା ଗୋଟେ ଝିଅକୁ ଟେକିନେଇ ଗଣଧର୍ଷଣ କରୁଛନ୍ତି । ଗଙ୍ଗାଧର ଭାବିଲେ ତା'ର ପ୍ରତିବାଦ କରିବା ପାଇଁ; କିନ୍ତୁ ତାଙ୍କ ହାତରେ ଛୁରୀ ଓ ଭୁଜାଲିକୁ ଦେଖି ଡରିଗଲେ । ଝିଅଟି ଚିତ୍କାର କରୁଥାଏ ମୋତେ ବଞ୍ଚାଅ, ମୋତେ ବଞ୍ଚାଅ । ସେହିବାଟ ଦେଇ ଅନେକେ ଲୋକ ଯାଉଥିଲେ ମଧ୍ୟ କେହିହେଲେ କର୍ଣ୍ଣପାତ କରୁନଥିଲେ ।

ଗଙ୍ଗାଧର ଭାବିଲେ କ'ଣ ନ ହେଲା ଏ ଦୁନିଆ । ମୁଁ ଭାବିଥିଲି ଘରଟା ସିନା ମୋର ନର୍କ ହୋଇଗଲା, ଘରୁ ଚାଲିଗଲେ ମୋତେ ଶାନ୍ତିର ଦର୍ଶନ ମିଳିଯିବ, ହେଲେ ଦେଖାଯାଉ ତଥାପି ତ ମୋର ଭ୍ରମଣ ସରିନାହିଁ ନା !!

ନିରାଶ ମନରେ ଆଶାର ସନ୍ଧାନ ନିମିତ୍ତ ବାବୁ ଗଙ୍ଗାଧର ପୁଣି ଚାଲିଲେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ପାଥେୟ କରି । ଥକିପଡ଼ିଥିବା ଭାରାକ୍ରାନ୍ତ ଶରୀରକୁ ସ୍ୱଳ୍ପ ବିଶ୍ରାମ ଦେବାପାଇଁ ଗଙ୍ଗାଧର ବାଟରେ ଥିବା ଥୁଣ୍ଟା ବରଗଛ ମୂଳେ ଥକ୍ କରି ବସିପଡ଼ିଲେ । ଉଦୁଉଦିଆ ଖରାରେ ତାତି ହାଓ୍ୱା ବହୁଥିଲେ ମଧ୍ୟ କିଛିଟା ପବନ ବାଜିବାରୁ ବାବୁ ଛାଇ ନିଦ୍ରାରେ ଶୋଇପଡ଼ିଲେ । ଭଗବାନଙ୍କ ଦୂତ ଭଳି ଜଣେ ପୁରୁଷୋତ୍ତମ ସେହି ବାଟ ଦେଇ ଯାଉଥିବା ସମୟରେ ବୃଦ୍ଧ ଲୋକର ଏଭଳି ଅସହାୟ ରୂପ ଦେଖି କିଛିକ୍ଷଣ ନିରୀକ୍ଷଣ କରିଥିଲେ ତାଙ୍କୁ । ଭାବିଲେ ବୃଦ୍ଧ ଲୋକର ବୋଧହୁଏ କେହି ନାହାନ୍ତି, ତେଣୁ କ୍ଷୁଧା ତୃଷ୍ଣାରେ ଲୋକଟି ମଳିନ ପଡ଼ିଯାଇଛି । ତା'ପରେ ଧୀରେ ଯାଇ ଡାକିଲେ, ମଉସା, ମଉସା । ଗଙ୍ଗାଧର ବିଳିବିଳେଇ ଚିତ୍କାର କରିଉଠିଲେ - ନା, ମୁଁ ତତେ ବଞ୍ଚେଇ ପାରିବି ନାହିଁ । ସେ ରାକ୍ଷସଗୁଡ଼ାକ ତାଙ୍କ ଦେହର ଭୋକ ମେଣ୍ଟାଇବା ପାଇଁ ତୋର ମାଂସକୁ ଟୁକୁରା ଟୁକୁରା କରିଦେଇଥିବେ । ହାଏରେ ବିଧାତା ! ଆଜି କ'ଣ ଦେଖିଲା ଏ ଆଖି ! ତା'ପରେ ଭଦ୍ରଲୋକଟି ବିନୟର ସହ କଥାଦେଲା - ମଉସା ତମର କ'ଣ ହେଇଛି ? ସତ କୁହ ମୁଁ ତମକୁ ନିଶ୍ଚୟ ସାହାଯ୍ୟ କରିବି । ତମେ କିଏ ବାବୁ ? ପାଇଲା ପୁଅମାନେ ତ ଆମ ବୁଢ଼ାବୁଢ଼ୀଙ୍କୁ ପଚାରିଲେ ନାହିଁ, ସେଥିପାଇଁ ବୁଢ଼ୀ ମୋର ଆରପାରିକୁ ଚାଲିଗଲା । ଭଲ ହୋଇଛି, ଭଲ ହୋଇଛି । ଭଗବାନ୍ ଯାହା କରନ୍ତି ପ୍ରାଣୀର ମଙ୍ଗଳପାଇଁ, ମୁଁ ଏଥିରେ ଦୁଃଖ ନ କରି ହସିବା କଥା ତ ।

ମୁଁ କ'ଣ ତମର ପୁଅ ନୁହେଁ ମଉସା । ପଥଚାରୀଜଣକ ଗଙ୍ଗାଧରଙ୍କୁ ବହୁ ଆଶ୍ୱସନା ଦୋବରୁ କିଛି ସମୟ ପୂର୍ବରୁ ଘଟିଥିବା ଲୋମହର୍ଷଣ ବିଷୟକୁ ବାଟୋଇ

ଜଣଙ୍କୁ ଗୋଟି ଗୋଟି କରି କହିଲେ ଗଙ୍ଗାଧର । ବାଟୋଇ ମଧ୍ୟ ବହୁତ ବ୍ୟଥିତ ହେଲେ ଏବଂ ନେଇଥିବା ଖାଦ୍ୟକୁ ବୃଦ୍ଧ ଜଣଙ୍କୁ ଅନେକ ବୁଝାଶୁଝା କରି ଖୋଇଦେଲା ପରେ, ତାଙ୍କ ଘରକୁ ଯିବାପାଇଁ ବାଧ୍ୟକଲେ ଗଙ୍ଗାଧର ସେଥିରେ ରାଜି ହେଲେ ନାହିଁ ବରଂ କହିଲେ, ମୁଁ ଯଦି ତୁମ ଘରକୁ ଯିବି ପୁଅ, ଯାତ୍ରା ଅସମାପ୍ତ ରହିଯିବ । ବାଟୋଇଟି ଆଉ କିଛି ଉପାୟ ନ ପାଇ ଶେଷରେ ଧରିଥିବା ସମସ୍ତ ଦୁଇ ହଜାର ଟଙ୍କା ବୃଦ୍ଧଙ୍କୁ ଦେଲେ ଏବଂ ତାଙ୍କ ଗୋଡ଼ ତଳେ ପଡ଼ି ଗନ୍ତବ୍ୟ ପଥରେ ଚାଲିଗଲେ ।

ଗଙ୍ଗାଧର ଭାବିଲେ ଧର୍ମ ତାହାଲେ ମୁଁ ଜଣକ ଠାରେ ପାଇଲି, ଏଥରକ ମୁଁ ହାରିଯିବିନି ନିଶ୍ଚୟ ମୋ'ଲକ୍ଷ୍ୟ ପୂରଣ ହେବ । ଏଇଭଳି ସାଧୁ ଲୋକଙ୍କ ପାଇଁ ଏ ଧରା ଆମ୍ଭଙ୍କୁ ସମ୍ଭାଳି ନ ହେଲେ ଏ ଧରା ରସାତଳଗାମୀ ହୋଇଯାଇଥାନ୍ତା । ହେ ଈଶ୍ୱର ତାଙ୍କୁ ଖୁସିରେ ରଖ ।

ବୃଦ୍ଧ ଜଣକ ଟିକେ ଦମ୍ଭ ହେଲାରୁ ପୁଣି ରାଜରାସ୍ତାରେ ଚାଲିବାକୁ ଆରମ୍ଭ କଲେ । ସେ ସମୟରେ ହଠାତ୍ ଦୁଇଜଣ ଲୋକ ମଟରସାଇକେଲ୍‌ରେ ଆସି ବୃଦ୍ଧ ଜଣଙ୍କ ବେକ ପାଖରେ ଭୁଜାଲି ରଖି କହିଲେ,ତୋ' ହାତରେ କ'ଣ ଧରିଛୁ, ମୋତେ ଦେଇ ଦେ, ନ ହେଲେ ଜୀବନରୁ ମାରିଦେବୁ । ବୃଦ୍ଧ ଜଣକ ଭୀତତ୍ରସ୍ତ ହୋଇ ହାତଯୋଡ଼ି କହିଲେ - ହେ ପୁଅ ଧରିଛି ଟଙ୍କା ଧରିଛି, ଟଙ୍କା ନିଅ, ଆଉ ମୋତେ ଜୀବନରେ ମାରଦିଅ, ମୋର କିଛି ଆପତ୍ତି ନାହିଁ । ଗୋଟିଏ କଥା ମନେରଖ ତମେ ବି ମୋରି ଅବସ୍ଥାକୁ ଆଗାମୀ ତିନି ଦଶନ୍ଧିରେ ପଦାର୍ପଣ କରିବ । ସେତେବେଳକୁ ତମର ଏ ବଳ ଆଉ ବୟସ ନ ଥିବ । ଯଦି ସେହି ଅବସ୍ଥାରେ ତମ ପୁଅ ବେକରେ ଭୁଜାଲି ରଖି ଗୋଇଠା ମାରେ, ତମେ ନା ପ୍ରତିବାଦ କରିପାରିବ ନା ମନର ବାସନାକୁ ଚରିତାର୍ଥ କରିପାରିବ ? ଏ ଯେଉଁ ଟଙ୍କାକୁ ମୋ' ହାତରେ ଦେଖୁଛ ଏ ଟଙ୍କା ମୋର ନୁହେଁ ଯା'କୁ ଜଣେ ଉତ୍ତମ ବ୍ୟକ୍ତି ମୋର କଷ୍ଟ ସହି ନ ପାରି ଦେଇଥିଲେ । ନିଅ ବାବୁ ତମର ରୋଜଗାର ନାହିଁ, ଏ ଟଙ୍କା ନେଇ ଖରଚ କରିବ ନିଅ ।

ବୃଦ୍ଧ ଜଣଙ୍କ କଥାଶୁଣି ଦୁଇଜଣଙ୍କ ନିଶା ଉତୁରି ଗଲା । ଶେଷରେ ଗଙ୍ଗାଧରଙ୍କୁ କ୍ଷମା ମାଗିଲେ ଏବଂ କଥାଦେଲେ ଆଜିଠାରୁ ଆମେ ଅସାମାଜିକ କାର୍ଯ୍ୟ କରିବୁ ନାହିଁ । ତମେ ଆମର ଆଖି ଖୋଲି ଦେଲ । ବୃଦ୍ଧ ଜଣକ ତାଙ୍କୁ ଆଶୀର୍ବାଦ ଦେଇ ଆଗକୁ ମାଡ଼ିଚାଲିଲେ, ଦେଖିଲେ ଚିକ୍କଣଚାକ୍କଣ ବାବଙ୍କୁ କେତେଗୁଡ଼ିଏ ଲୋକ ଘେରି ରହିଛନ୍ତି । ମାମୁମାନେ ମଧ୍ୟ ସେଠାରେ ଠିଆ ହୋଇଛନ୍ତି । ଗଙ୍ଗାଧର ଭାବିଲେ ବୋଧହୁଏ ବାବାଙ୍କୁ କିଏ ଆକ୍ରମଣ କରିଛି ନତୁବା ତାଙ୍କ ମଠରୁ କେହି ଦୁର୍ବୃତ୍ତ ଚୋରି କରିଛନ୍ତି । ଏହି କଥା ଭାବି ତାଙ୍କ ନିକଟତର ହେବାକୁ ଲାଗିଲେ । ବୁଝୁବୁଝୁ ବାବାଜଣକ ଆଠ ଦଶଟା ଝିଅ ରଖି ଯୌନ କେଳେଙ୍କାରୀରେ ଲିପ୍ତ । ଏ କଥା ଗଙ୍ଗାଧରଙ୍କର ନିତ୍ୟାନନ୍ଦ ସ୍ୱାମୀଠାରୁ ଏମାର ମଠ ମହନ୍ତ ପର୍ଯ୍ୟନ୍ତ ସବୁ କଥା ମନେପଡ଼ିଗଲା । ତାଙ୍କ ଅଜାଣତରେ କହିଉଠିଲେ ଛିଃ ଛିଃ ରେ ବାବା ! ଉପରେ ଗେରୁଆ ପିନ୍ଧି ଭିତରେ କଳା କାରନାମାରେ । ହାଏ ହାଏରେ ବାବାଜୀ ! ହେ ଜଗନ୍ନାଥ ମୁଁ ଶାନ୍ତିର ଦର୍ଶନରେ ଆସିଛି ନା ପାପୀଙ୍କୁ ଦର୍ଶନ କରୁଛି । ସେଠାରୁ ବିଦାୟ ନେଇ ଆଗକୁ ଚାଲିଲେ ।

ସ୍ନାନ ଶୌଚାଦି କ୍ରିୟା ସମାପନ କରି ନିକଟରେ ଥିବା ମନ୍ଦିରକୁ ଗଲେ ଗଙ୍ଗାଧର । ଭାବିଲେ ମନ୍ଦିରରେ ପ୍ରସାଦ ସେବନ କଲାପରେ ଟିକେ ବିଶ୍ରାମ ନେଇ ମୋ' ଗନ୍ତବ୍ୟ ପଥରେ ଯିବି । ଯାଇ ଦେଖନ୍ତି ତ ଦୁଇ ପଣ୍ଡାଗୋଷ୍ଠୀ ଗଣ୍ଡଗୋଳ ହୋଇ ଠାକୁରଙ୍କ ନିତି ବନ୍ଦ କରିଦେଇଛନ୍ତି । ଗଙ୍ଗାଧର ଠାକୁରଙ୍କୁ ମୁଣ୍ଡିଆଟିଏ ମାରି କହିଲେ, ଧନ୍ୟ ଧନ୍ୟ ହେ ପଣ୍ଡା ! ଭାରତ ଯୁଦ୍ଧ ଓଳିଏରେ ତମେ ସମସ୍ତେ ନାଶ ଯାଅରେ । ଏ ସଂସାର ପ୍ରତି ତାଙ୍କର ବିତୃଷ୍ଣା ବଢ଼ିଚାଲିଲା ।

ଏଥିଉତ୍ତ ରୁ ପିଲାଦିନେ ଇତିହାସରେ ପଢ଼ିଥିବା ବୁଦ୍ଧଦେବଙ୍କ କଥା ମନେପଡ଼ିଲା । ବୁଦ୍ଧଦେବ ରୋଗୀ, ଶବ ଓ ଜରାକୁ ଦେଖି ସଂସାର ପ୍ରତି ବିତୃଷ୍ଣା ଆସିବାରୁ ଶେଷରେ ଏକ ସନ୍ନ୍ୟାସୀଙ୍କୁ ଦେଖି ଭାବିଲେ ଏହାହିଁ ମୋର ମାର୍ଗ ଏବଂ ମୋକ୍ଷପ୍ରାପ୍ତିର ପ୍ରକୃଷ୍ଟ ସମୟ । ଶେଷରେ ଅଶ୍ୱତ୍ଥ ମୂଳେ ତପସ୍ୟା କଲେ ଏବଂ ବୋଧିସତ୍ତ୍ୱ ପ୍ରାପ୍ତ ହେଲେ ।

ଗଙ୍ଗାଧରଙ୍କର ପଥ ମିଳିଗଲା ଭାବି ଏକ ଲୟରେ ଆଗକୁ ଆଗକୁ ମାଡ଼ିଚାଲିଲା । ସତକୁସତ ଜଣେ ସନ୍ନ୍ୟାସୀ ତପସ୍ୟାରେ ମଗ୍ନଥିବା ଦେଖି ତାଙ୍କ ନିକଟକୁ ଗଲେ ଏବଂ ପ୍ରଣିପାତ କଲେ । ସନ୍ନ୍ୟାସୀ ଜଣଙ୍କ ତାଙ୍କ ମନ କଥା

ବୁଝିପାରି ତାଙ୍କୁ ଉଠିବା ପାଇଁ ନିର୍ଦ୍ଦେଶ ଦେଲେ । ଗଙ୍ଗାଧର କିଛି କହିବା ପୂର୍ବରୁ ସନ୍ନ୍ୟାସୀ ଜଣଙ୍କ ତାଙ୍କ ଘରର ସମସ୍ତ କଥା କହିଗଲେ । ତତ୍କ୍ଷଣାତ୍ ଗଙ୍ଗାଧର କହିଉଠିଲେ - ହେ ଭାଗବାନ୍ ! ଏତେଦିନେ ମୁଁ ଶାନ୍ତିର ଦର୍ଶନ ପାଇଲି । ଖଚ, ମିଛ, ପରପାଞ୍ଚିର ଯାବତୀୟ ଦୃଶ୍ୟକୁ ଦେଖି ମୁଁ ଅଣନିଃଶ୍ୱାସୀ ହୋଇଯାଇଥିଲି । ମୁଁ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାକୁ ଚାହୁଁଛି, ଦୟାକରି ମୋତେ ସେ ସୁଯୋଗ ଦିଅନ୍ତୁ । ସାଧୁ ଗଙ୍ଗାଧରଙ୍କୁ କିଛି ବଣ ଫଳ ଖାଇବାକୁ ଦେଲେ ଏବଂ ତାଙ୍କ ଘରର କଥା କହିବାକୁ ଲାଗିଲେ ।

ତମେ ଆସିଲାପରେ ତମ ପୁଅମାନେ ବରବାଦ ହୋଇଯାଇଛନ୍ତି । ତମର ପୁଅ ବୋହୂ ତାଙ୍କର ଭୁଲ୍‌କୁ ବୁଝିପାରିଛନ୍ତି । ତମେ ଯଦି ସନ୍ନ୍ୟାସ ବ୍ରତ ଗ୍ରହଣ କରିବ ନିଜର ମୁକ୍ତି ମିଳିବ ସିନା ହେଲେ ତମେ ଯେଉଁ ପଥକଷ୍ଟ, ଦୁଃଖକଷ୍ଟ, ମନ କଷ୍ଟରେ ସଢ଼ିଛ, ତାକୁ କେମିତି ଦୂର କରିବ । ମୁଁ ସନ୍ନ୍ୟାସୀ ଲୋକ - ଭଗବାନ୍‌ଙ୍କ ନାମ ଜପ କରିବା ମୋର ଦୈନନ୍ଦିନ କାର୍ଯ୍ୟ । ତମେ ତ ସଂସାରୀ ? ଜଣେ ଗୃହସ୍ଥ ବ୍ୟକ୍ତି ତା'ର ପରିବାର ସହିତ ଗାଁକୁ ସଜାଡ଼ିବାର ଧର୍ମ ଜରୁରୀ । ଗୀତାରେ କହିଛି - ଗୃହସ୍ଥ ଧର୍ମ ସବୁଠାରୁ ବଡ଼ ଧର୍ମ । ତମେ ତାହା ପାଳନ କରିନାହଁ ବୋଲି ପାପ ପଙ୍କିଳରେ ବୁଡ଼ି ରହିଛ । ତମେ ଘରକୁ ଫେରିଯାଅ ବସ୍ତ ! ପୁଅବୋହୂମାନେ ତମକୁ ଝୁରିଝୁରି ଦିନରାତି କାନ୍ଦୁଛନ୍ତି । ଯାଅ ବସ୍ତ, ଡେରି କର ନାହିଁ ।

ସନ୍ନ୍ୟାସୀଙ୍କ କଥା ମାନି ଗଙ୍ଗାଧର ଗାଁକୁ ଫେରିଆସିଲେ । ଆସି ଦେଖନ୍ତି ତ, ବଡ଼ ପୁଅ ପକ୍ଷାଘାତରେ ପୀଡ଼ିତ ଏବଂ ସାନ ପୁଅ ଦୁର୍ନୀତିରେ ଛନ୍ଦିହୋଇ ଚାକିରିରୁ ବହିଷ୍କୃତ । ଘରର ଆସବାବଠାରୁ ସମ୍ପତ୍ତି ମଧ୍ୟ ବିକ୍ରି ସରିଛି । ପୁଅବୋହୂମାନେ ଭେଁ ଭେଁ କାନ୍ଦି ବାପାଙ୍କୁ କ୍ଷମା ମାଗିଲେ । ବାପାଙ୍କୁ ଡାକିନେଇ ସେବାଶୁଶ୍ରୂଷା କଲେ । ବାପା ମଧ୍ୟ ପୂର୍ବକଥା ପାସୋରି ଦେଇ ସମସ୍ତଙ୍କୁ କୋଳେଇ ନେଲେ । ସନ୍ନ୍ୟାସୀଙ୍କ ଠାରୁ ଆଣିଥିବା ବାର୍ତ୍ତା ଗାଁ, ଲୋକମାନଙ୍କୁ ଗୋଟି ଗୋଟି କରି ବୁଝାଇଲେ ଗଙ୍ଗାଧର । ଶେଷରେ ଗାଁ' ଟି ଗାଁ' ଭଳି ଗଢ଼ିଉଠିଲା । ଆଖପାଖ ଗାଁ'ର ମୁରବିମନେ ଗ୍ରାମ୍ୟ ଗଠନରେ ସକ୍ରିୟ ଭୂମିକା ନିର୍ବାହ କରିବାରୁ ପଞ୍ଚାୟତ ସାରା ଆଦର୍ଶ ଗାଁ'ରେ ପରିଣତ ହେଲା । ସେହିଦିନଠାରୁ ଗଙ୍ଗାଧରଙ୍କୁ ସମସ୍ତେ ଭଲପାଇଲେ ଓ ସମ୍ମାନ ଦେଲେ । ଗାଁ'କୁ ଗଢ଼ିବାରେ ଓ ସଜାଡ଼ିବାରେ ଗଙ୍ଗାଧରଙ୍କ ଭୂମିକା ଅତୀବ ସୁନ୍ଦର ଓ ଚମତ୍କାର ମଧ୍ୟ ।

ବାଞ୍ଜଲାପୁଟ, ପାଡୁଆ, କୋରାପୁଟ

୦୦୦୦

# ଚେତାବନୀ

**- ବସନ୍ତମଞ୍ଜରୀ ରଥ**

କଟକ ଜିଲ୍ଲା ସାଲେପୁର ଥାନା ଅଞ୍ଚଳରେ ଅସୁରେଶ୍ୱର ନାମରେ ଗ୍ରାମଟିଏ । ଗାଁର ଶେଷ ମୁଣ୍ଡରେ ଇଷ୍ଟଦେବୀ ମଙ୍ଗଳା ଠାକୁରାଣୀ ବିରାଜି । ସେଠାରେ ମା'ଙ୍କ ସେବା ପୂଜା କରିବା ପାଇଁ ଜଣେ ସନ୍ୟାସୀ ରହୁଥିଲେ । ସନ୍ନ୍ୟାସୀଜଣକ ମା'ମଙ୍ଗଳାଙ୍କ ବହୁତ ବଡ଼ ଭକ୍ତ ଥିଲେ । ମା'ଙ୍କ ବ୍ୟତୀତ ଆଉକିଛି ଜାଣୁନଥିଲେ । ସେ ମନ୍ଦିରର ସେବାପୂଜା ପରେ ଗାଁ ଗାଁ ବୁଲି ଭିକ୍ଷା କରନ୍ତି ଓ ଯାହା ମିଳେ ତାହା ଖାଇ ଦିନ ଅତିବାହିତ କରନ୍ତି । ସମୟ ମିଳିଲେ ମା'ଙ୍କ ମନ୍ଦିର ସଂଲଗ୍ନ ବଗିଚାରେ ଫୁଲ, ଫଳ ତଥା ଔଷଧୀୟ ଗୁଳ୍ମ, ଲତା ଆଦି ଲାଗାଇଥାନ୍ତି । ସେ ଥିଲେ ଅମାୟିକ, ପରୋପକାରୀ, ମେଳାପୀ ତଥା ସାଧୁ । ଏଥିପାଇଁ ଗାଁ ଲୋକମାନେ ତାଙ୍କୁ ବହୁତ ଶ୍ରଦ୍ଧା ଓ ଭକ୍ତି କରିଥାନ୍ତି । ତାଙ୍କ ପାଖରେ ମା'ମଙ୍ଗଳାଙ୍କ କରୁଣାରୁ କିଛି ଐଶ୍ୱରୀୟ ଶକ୍ତି ମଧ୍ୟ ଥିଲା ଗାଁଲୋକମାନଙ୍କର ଦେହ କେବେ ଅସୁସ୍ଥ ହେଉଥିଲେ ସେମାନେ ସନ୍ନ୍ୟାସୀଙ୍କ ପାଖକୁ ଆସୁଥିଲେ ଓ ସେ ମା'ମଙ୍ଗଳାଙ୍କୁ ସ୍ମରଣ କରି ସେମାନଙ୍କୁ ଝଡ଼ାଫୁଙ୍କା କରିଦେଲେ; ସେମାନେ ସୁସ୍ଥ ହୋଇ ଘରକୁ ଫେରୁଥିଲେ । କାହା ପିଲାମାନଙ୍କୁ ଯଦି କେବେ ଜ୍ୱର କିମ୍ବା ଝାଡ଼ା ହେଉଥିଲା, ସେମାନେ ସନ୍ନ୍ୟାସୀଙ୍କ ପାଖରୁ ଝଡ଼ାଫୁଙ୍କା କରିଆଣୁଥିଲେ । ବିଶ୍ୱାସରେ ଭଗବାନ୍ ବାସ କରିଥା'ନ୍ତି । ସେହି ବିଶ୍ୱାସ ବଳରେ ସେମାନଙ୍କ ପିଲା ସୁସ୍ଥ ହୋଇଯାଉଥିଲେ ।

ଏହିପରି ଦିନ ପରେ ଦିନ, ବର୍ଷ ପରେ ବର୍ଷ ଅତିବାହିତ ହୋଇ ଚାଲୁଥାଏ । ସମୟ ଚକରେ କେବେ ଦିନ ତ କେବେ ରାତି, କେବେ ସୁଖ ତ କେବେ ଦୁଃଖ, କେବେ ସମ୍ପତ୍ତି ତ କେବେ ବିପତ୍ତି । କିଏ କେବେ ସଦା ସୁଖରେ ରୁହେନା କି କିଏ ଦୁଃଖରେ । ଦୁଃଖ-ସୁଖ ଦୁହେଁ ଯାଆଁଳା ଭାଇ ପରି । ନିୟତି ବଡ଼ ବିଚିତ୍ର ! ବିଚିତ୍ର ତା'ର ଗତିପଥ ।ତେଲ ଲୁଣର ସଂସାର ଭିତରେ ଅଭାବ ଅନଟନକୁ ପାଥେୟ କରି ଗାଁ ଲୋକେ ମଧ୍ୟ ଅଳ୍ପରେ ସନ୍ତୁଷ୍ଟ ହୋଇ ଦିନ କାଟୁଥାନ୍ତି । ହଠାତ୍ ଦିନେ ଗ୍ରାମକୁ ଗ୍ରାସ କଲା କାଳ । ସବୁ ତ ନିୟତିର ଖେଳ । ସେଥିକୁ ବା କାହାର ହାତକାତ ପାଏ ? ବର୍ଷାଋତୁ । ଉପର ମୁଣ୍ଡରେ ବର୍ଷା ହେବାରୁ ନଈରେ ବନ୍ୟା ଆସିଲା । ଗାଁ ନିକଟରେ ଲୁଣା ନଦୀ । ନଈର ପାଣି ଫୁଲି ଉଠିଲା । ବଢ଼ିଲା ନଈ, କୂଳ ଖାଇଲା । ପ୍ରଶାସନ ଡାକବାଜି ଯନ୍ତ୍ର ଦ୍ୱାରା ବାରମ୍ୱାର ଲୋକମାନଙ୍କୁ ସତର୍କ କରାଇଲେ ଯେ, ସେମାନେ ଗ୍ରାମ ଛାଡ଼ି ଉଚ୍ଚସ୍ଥାନକୁ ଚାଲିଯାଆନ୍ତୁ । ଗ୍ରାମର ଲୋକମାନେ ଘରଦ୍ୱାର ଛାଡ଼ି ପିଲାଛୁଆ, ଗାଈଗୋରୁ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ଧରି ଗାଁ ଛାଡ଼ି ଉଚ୍ଚସ୍ଥାନମାନଙ୍କୁ ପଳାଇ ଯାଉଥାନ୍ତି । ଗାଁ ଲୋକମାନେ ବିକଳରେ ପ୍ରଭୁ ରଘୁନାଥ, ଦଧିବାମନ ତଥା ଗ୍ରାମଦେବୀ ମଙ୍ଗଳାଙ୍କୁ ଡାକୁଥାନ୍ତି । କିନ୍ତୁ ସୁଖ ପରେ ଦୁଃଖ ପରେ ସୁଖ; ଏ ତ ସମୟର ଦିନରାତି ପରି । ସୁଖ ପରେ ଦୁଃଖ ଆସିଛି, ଆସିବ । ତାକୁ ଧୈର୍ଯ୍ୟର ସହ ଦୂର କରିବାକୁ ପଡ଼ିବ । ଅଧୈର୍ଯ୍ୟ ହେଲେ ସବୁ ସରିଯିବ । ଆମେ ଆସିଛେ କର୍ମ କରିବା ପାଇଁ, କର୍ମ କରି ଈଶ୍ୱରଙ୍କୁ ଡାକିଲେ ଈଶ୍ୱର ସାହା ହେବେ । ଅକର୍ମା ହୋଇ ଈଶ୍ୱରଙ୍କୁ ଡାକିଲେ କିଛି ଫଳ ମିଳିବ ନାହିଁ । ଏଣୁ ଗ୍ରାମର ଲୋକମାନେ ଉଚ୍ଚସ୍ଥାନକୁ ଚାଲିଯିବା ସହ ଈଶ୍ୱରଙ୍କୁ ଡାକୁଥିଲେ ସେମାନଙ୍କୁ ସାହସ ଦେବାପାଇଁ । ଦୁଃଖରେ କାତର ନ ହେବାପାଇଁ । ଏହା ମଧ୍ୟରେ ଗ୍ରାମର କିଛି ଲୋକ ସନ୍ନ୍ୟାସୀଙ୍କୁ ସଙ୍ଗରେ ଯିବାପାଇଁ ଡାକିବାକୁ ଆସିଲେ । ସେମାନେ ସନ୍ନାସୀଙ୍କୁ କହିଲେ, "ନଦୀ ବନ୍ଧରେ ଘଳିଆ ପଡ଼ିଲାଣି । ବାଲିବସ୍ତାକୁ ମାନୁ ନାହିଁ । ଜଣାନାହିଁ କେତେବେଳେ ଗ୍ରାମ ଭିତରକୁ ପାଣି ମାଡ଼ିଆସିବ । ଘରଦ୍ୱାର ଭାସିଯିବ । ଆପଣ ଆମ ସହିତ ଉଚ୍ଚସ୍ଥାନକୁ ଚାଲିଆସନ୍ତୁ ।" ସନ୍ନାସୀ ସେମାନଙ୍କ କଥା ଶୁଣିଲେ ନାହିଁ କି ତାଙ୍କ ସହିତ ଗଲେ ନାହିଁ । ନିରାଶ ହୋଇ ଗ୍ରାମବାସୀ ଉଚ୍ଚ ସ୍ଥାନକୁ ଚାଲିଗଲେ । ଏହି ସମୟରେ ବନ୍ଧ ଭାଙ୍ଗିଗଲା । ଗ୍ରାମ ଭିତରକୁ ପ୍ରଖର ଗତିରେ ପାଣି ପ୍ରବେଶ କରି ଘରଦ୍ୱାର

ଭାଙ୍ଗି ପକାଇଲା । କେତେଜଣ ଗ୍ରାମବାସୀ ପୁରି ଯାଇ ପହ୍ରିଲେ ସନ୍ନ୍ୟାସୀଙ୍କ ପାଖରେ । ତାଙ୍କୁ ଅନୁନୟ କଲେ ତାଙ୍କ ସହିତ ଉଚ୍ଚସ୍ଥାନକୁ ଯିବାପାଇଁ । କିନ୍ତୁ ସନ୍ନ୍ୟାସୀ ଦାରୁଭୂତ ମୁରାରୀ ପରି ଚୁପ୍‌ଚାପ୍ ଠିଆହୋଇ ରହିଲେ । କହିଲେ "ତୁମେମାନେ ଯାଅ, ମୋର କିଛି କ୍ଷତି ହେବନାହିଁ । ମୋ ପାଖରେ ମୋର ମାଆ ଅଛନ୍ତି"। ଲୋକମାନେ ନିରାଶରେ ଫେରିଗଲେ । ଚାହୁଁ ଚାହୁଁ ପାଣି ହୁ-ହୁ ବଢ଼ିଚାଲିଥାଏ । ଲୋକମାନେ ସ୍ଥିର ହୋଇ ରହିପାରିଲେ ନାହିଁ । ସେମାନଙ୍କର ସୁଖଦୁଃଖର ସାଥି ରହିଯାଇଛନ୍ତି ପାଣିଘେର ମଧ୍ୟରେ । କିପରି ବା ସେମାନେ ସ୍ଥିର ରହିପାରିବେ ? ଭେଳା ବାନ୍ଧି ସନ୍ନ୍ୟାସୀଙ୍କ ପାଖକୁ ଗଲେ । ସନ୍ନ୍ୟାସୀଙ୍କ ବେକଯାଏଁ ପାଣି ଲାଗିଲାଣି । ସେ ସେହିପରି ଠିଆ ହୋଇଥାନ୍ତି । ଲୋକମାନେ ବହୁତ କାକୁତିମିନତି ହୋଇ କହିଲେ, "ଆମେ ଆପଣଙ୍କ ପାଇଁ ଭେଳା ନେଇ ଆସିଛୁ । ଏବେ ତ ଆପଣ ଆମ୍ଭମାନଙ୍କ ସହ ଚାଲନ୍ତୁ । ଅଉ ଏଠାରେ ରୁହନ୍ତୁ ନାହିଁ । ରାତି ହୋଇଆସିଲାଣି । ପାଣି ବଢ଼ିଚାଲିଛି । କେତେବେଳେ ଯେ କ'ଣ ଘଟିବ ତାହା କାହାକୁ ଜଣାନାହିଁ । ଆପଣ ଆମମାନଙ୍କ ସହ ଉଚ୍ଚ ସ୍ଥାନକୁ ଚାଲିଆସନ୍ତୁ ।" ସନ୍ନ୍ୟାସୀ ନିର୍ବିକାର ଭାବରେ ତାଙ୍କର ପୂର୍ବ କଥାକୁ ଦୋହରାଇଲେ କେବଳ । ସେ କହିଲେ, "ମୋର କିଛଇ କ୍ଷତି ହେବନାହିଁ । ମୋ' ସହିତ ମୋ ମାଆ ଅଛନ୍ତି । ମୋର କିଛି କ୍ଷତି ହେବନାହିଁ । ତୁମେମାନେ ସମସ୍ତେ ଏଠାରୁ ପଳାଇଯାଅ । ମୋତେ ଏକୁଟିଆ ରହିବାକୁ ଦିଅ । ଲୋକମାନେ ହତାଶ ଓ ନିରାଶରେ ଫେରିଆସିଲେ ।

କହିବା ବାହୁଲ୍ୟ, ସନ୍ନ୍ୟାସୀ ସେହିଠାରେ ଠିଆହୋଇ ପାଣିରେ ବୁଡ଼ି ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କଲେ । ତାଙ୍କ ଆତ୍ମାକୁ ଯମଗଣ ନେବାକୁ ଆସିଲେ । ତାଙ୍କ ଆତ୍ମା ସୋମନଙ୍କ ସହିତ ନ ଯାଇ କହିଲେ, "ମୁଁ ତୁମ ସଙ୍ଗରେ କାହିଁକି ଯିବ ? ମୁଁ ଜଣେ ସାଧୁ ଦେବୀ ଉପାସକ । ମୁଁ ଜାଣିବାରେ ବଞ୍ଚିଥିବା ଅବସ୍ଥାରେ ମୁଁ ଭଲ କର୍ମ ଛଡ଼ା ଖରାପ କର୍ମ କରିନାହିଁ । ମୁଁ ତୁମମାନଙ୍କ ସହ ଯିବିନାହିଁ । ଯମଗଣ ଫେରିଯାଇ ଯମରାଜାଙ୍କୁ ସବୁ କଥା କହିଲେ । ଯମ ପାଇଁ ଚିତ୍ରଗୁପ୍ତଙ୍କ ପାଖରେ ପଞ୍ଜି ଦେଖିଲେ । ସନ୍ନ୍ୟାସୀଙ୍କର ସ୍ଥାନ କେଉଁଠି ? ସେ କି କର୍ମ କରିଛନ୍ତି ? ସେ ଦେଖିଲେ ଯେ, ସନ୍ନ୍ୟାସୀ ଯାହା ଭଲ କର୍ମ କରିଥିଲେ, ତାହା ସବୁ ନଷ୍ଟ ହୋଇଯାଇଛି । ତାଙ୍କୁ ଆତ୍ମଘାତ ଦୋଷ ଲାଗିଛି । ତେଣୁ ଯମରାଜା ନିଜେ ଗଲେ ସନ୍ନ୍ୟାସୀଙ୍କ ଆତ୍ମାକୁ କାଳଫାଶରେ ବାନ୍ଧି ଆଣିବା ପାଇଁ । ସନ୍ନ୍ୟାସୀଙ୍କ ପାଖରେ ପହଞ୍ଚି, "ତୁମର ।ଉ ବିଷ୍ଣୁପୁରରେ ସ୍ଥାନ ନାହିଁ । ତୁମ ସ୍ଥାନ ନର୍କପୁରରେ । ତୁମେ ଏବେ ମୋ ସହିତ ଆସ !" ସନ୍ନ୍ୟାସୀ ନାମକୁ କହିଲେ, "ମୋ ଜୀବନରେ ମୁଁ କିଛି ଖରାପ କର୍ମ କରିନାହିଁ । ମୁଁ ସମସ୍ତଙ୍କର ଉପକାର ଛଡ଼ା ଅପକାର କରି ନାହିଁ । ଆଉମଧ୍ୟ ମୁଁ ଜଣେ ଦେବୀ ଉପାସକ ହୋଇ ନର୍କପୁରକୁ କିପରି ଯିବି ।" ଯମରାଜା ତାଙ୍କ ମୁଖରୁ ଏପରି ଶୁଣି ବଡ଼ ଦ୍ୱିଧାରେ ପଡ଼ିଲେ ଏବଂ ମନ ମଧ୍ୟରେ ମା'ମଙ୍ଗଳାଙ୍କୁ ସ୍ମରଣ କଲେ ସମସ୍ୟାର ସମାଧାନ ପାଇଁ । ଏହି ସମୟରେ ମା'ଙ୍କ ଦୈବୀବାଣୀ ହେଲା । ସେ କହିଲେ, "ରେ ନିର୍ବୋଧ ! ତୋର ଯାହା ଭଲ କର୍ମ ଥିଲା ତାହା ସବୁ ନଷ୍ଟ ହୋଇଯାଇଛି । ତୁ ତୋର ଆତ୍ମାକୁ ଛଟପଟ କରିମାରିଛୁ । ତୁ ମୋତେ ସେବାପୂଜା କରୁଥିଲୁ । ଭକ୍ତି ମଧ୍ୟ କରୁଥିଲୁ ସେଥିପାଇଁ ତୋ' ପାଇଁ ମୋ ମନରେ ଦୟାଭାବ ସୃଷ୍ଟି ହୋଇଥିଲା । ତୋ'ଜୀବନ ବଞ୍ଚାଇବା ପାଇଁ ତିନିଥର ଲୋକମାନଙ୍କୁ ତୋ'ପାଖକୁ ପଠାଇଛି । ତୁ କାହାରି କଥା ମାନିଲୁ ନାହିଁ । ତୋର ଆତ୍ମା ଛଟପଟ ହୋଇଗଲା । ତୁ ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କଲୁ । ଆରେ ବୋକା ଏ ହେଲା କଳିଯୁଗ । କର୍ମ କଲେ ଫଳପ୍ରାପ୍ତି ହୋଇଥାଏ । ତୁ କର୍ମ ନ କରି ଗୋଟିଏ ସ୍ଥାନରେ ଠିଆହୋଇ ମୋତେ କେବଳ ସ୍ମରଣ କଲୁ । ମୁଁ ତ କେବେ ନିଜେ ଆସି ନଥାନ୍ତି । ମୁଁ ମୋର ଲୋକମାନଙ୍କୁ ପଠାଇଥିଲି ତୋତେ ବଞ୍ଚାଇବା ପାଇଁ । ତୋତେ ବଞ୍ଚାଇବାକୁ ବହୁତ ଚେଷ୍ଟା କରିଛି । କିନ୍ତୁ ତୋ ଜିଦ୍‌ରେ ତୁ ଅଟଳ ରହି କାହା କଥା ଶୁଣିଲୁ ନାହିଁ । କଳିଯୁଗରେ ମୋର ଚେତାବନୀ । ରୋଗ ହେଲେ ଔଷଧ ଖାଅ । ଭୋକ ହେଲେ ଖାଦ୍ୟ ଖାଅ । ଖାଲି ଈଶ୍ୱରଙ୍କୁ ଡାକିଲେ କିଛି ଫଳ ମିଳିବ ନାହିଁ । ନିଜ ନିଜ କର୍ମକରି ଈଶ୍ୱରଙ୍କୁ ଡାକିଲେ ଫଳ ମିଳେ । ମନ ଓ ବିବେକ ଖଟାଇ କର୍ମକର । ନିଜ ଭିତରେ ଯେଉଁ ଶକ୍ତି ଅଛି ଈଶ୍ୱର କୃପାରେ ତାକୁ ଜାଗ୍ରତ କରାଇ କର୍ମରେ ଲଗାଅ । ଏବେ ତୁ ଯମଙ୍କ

ସହିତ ଯାଅ । କର୍ମ ନ କରି ଫଳର ଆଶ ରଖନା ।” ଏହାପରେ ଯମ ସନ୍ନ୍ୟାସୀଙ୍କ ଆତ୍ମାକୁ କାଳଫାଶରେ ବନ୍ଧନ କରି ଯମପୁରକୁ ବାହୁଡ଼ିଗଲେ ।

କିଛିଦିନ ପରେ ବନ୍ୟା କମିଗଲା । ଆଶାନ୍ତ ନଈ ଶାନ୍ତ ହୋଇଗଲା । ଖାଲି ସ୍ଥାନମାନଙ୍କୁ ଛାଡ଼ିଦେଲାପରେ ଅନ୍ୟ ସ୍ଥାନମାନଙ୍କରୁ ପାଣି ଖସିଗଲାଣି । ଲୋକମାନେ ନିଜ ନିଜ ଘରକୁ ଫେରିବାକୁ ଆରମ୍ଭ କଲେଣି । କେତେଦିନ ଅବା ବନ୍ଧଟା ଉପରେ ମଶା ଡାଆଁଶଙ୍କ ସହ ଲଢ଼ାଇ କରୁଥିବେ । ଘରକୁ ଫେରିବାକୁ ପଡ଼ିବ । ଉଜୁଡ଼ା ସଂସାରକୁ ପୁଣି ସଜାଡ଼ିବାକୁ ପଡ଼ିବ । ଗ୍ରାମବାସୀ ଗ୍ରାମକୁ ଫେରିଲାପରେ ମନେପଡ଼ିଲା ସନ୍ନ୍ୟାସୀଙ୍କ କଥା । ମନ୍ଦିରକୁ ଯାଇ ଦେଖିଲେ ସନ୍ନ୍ୟାସୀଙ୍କ ମରଶରୀର ତଳେ ପଡ଼ିଛି । ପଚି ଦୁର୍ଗନ୍ଧ ହେଉଛି । ଲାଙ୍ଗୁଡ଼ିଆ ପୋକ ସାଲୁବାଲୁ । ଲୋକମାନେ ଦୁଃଖ ମନରେ ସେହି ପଚା ଶବକୁ ସମାଧି ଦେଲେ । ମନ୍ଦିର ମାର୍ଜନା କରାଇ ନିଜର ଉଜୁଡ଼ା ସଂସାରକୁ ସଜାଡ଼ିବାରେ ମନୋନିବେଶ କଲେ ।

ଭଣଗାଁ, ଚାନ୍ଦୋଳ, କେନ୍ଦ୍ରପଡ଼ା

୦୦୦


Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

NILADRI VIHAR, NAYA BAZAR, CUTTACK-753004, ODISHA
E-mail : voiceforvoiceless2013@gmail.com
whatsapp : +91 88957 07011 / Website : www.pracheevoice.in
Follow us

## INVITATION

**SUNDAY MEETING AT 10 AM**
**VENUE-R.S TUTARIAL, INFRONT OF CHRIST COLLEGE MAIN GATE,**
**SURYALOK LANE CHANDI CHACK, CUTTACK**
**COLLECT ID CARD AND GET INFORMATION.**

# ସୁରଭିର ସ୍ୱପ୍ନ

- ଶ୍ୟାମସୁନ୍ଦର ବେହେରା

ବର୍ଷଣମୁଖର ରାତି । ଘନ ଅନ୍ଧକାର ମୁହଁକୁ ମୁହଁ ଦେଖାଯାଉନି । ଘଡ଼ଘଡ଼ି ବିଜୁଳିର ଛାଇ ଆଲୁଅ ଭିତରେ ଦୂରରୁ ଭାସିଆସିଲା ଏକ କ୍ଷୀଣ କଣ୍ଠସ୍ୱର । ସେଇ କ୍ଷୀଣ କଣ୍ଠସ୍ୱର ବୋଧହୁଏ ଜଣେ ନିରୀହ ଅସହାୟ ନାରୀର ନିଶ୍ଚୟ ହୋଇଥିବ । ଏକଥା ଭାବି ପଡ଼ୋଶୀ ହରେକୃଷ୍ଣ ବାବୁ ଲଣ୍ଠନଟି ଧରି ବାହାରକୁ ଦେଖିଲେ ବିଚରା ନିରୀହ ବିଧବା ସ୍ତ୍ରୀ ଲୋକଟି ତା'ର ଦୁଇଟି ଶିଶୁପୁତ୍ର ରାଜୁ ଓ ସାନୁକୁ ବ□ାଇବାକୁ ଯାଇ ପରିତ୍ୟକ୍ତା ଚାଳଘରର ମାଟିକାନ୍ଥ ତଳେ ପଡ଼ିଯାଇଛି । ନିଜର ସମସ୍ତ ଯୁ ଖର୍ଚ୍ଚ କରି ଉଠିବାର ଚେଷ୍ଟା କରୁଛି ହେଲେ ଉଠିପାରୁନି । ବର୍ଷାଭିଜା ମାଟିକାନ୍ଥ ଅତଡ଼ାଏ ଲେଖା ଭାଙ୍ଗିପଡୁଛି । ଝିପି ଝିପି ବର୍ଷା ସାଙ୍ଗକୁ ପବନର ସୁ ସୁ ଗର୍ଜନ ସମସ୍ତଙ୍କ ମନରେ ଭୟ ଜାଗ୍ରତ କରୁଛି । ହେଲେ ଯେତେ କଷ୍ଟ ପଡୁ ପଛେ ସେ ନିରୀହ ବିଧବା ସ୍ତ୍ରୀ ଲୋକଟିକୁ ବିପଦରୁ ଉଦ୍ଧାର କରିବାପ ପାଇଁ ହରେକୃଷ୍ଣ ବାବା ଅଣ୍ଟା ଭିଡ଼ିଲେ । ପ୍ରକୃତି ସହ ଢ଼େର୍ ଲଢ଼େଇ କରି ବିଧବା ସ୍ତ୍ରୀଲୋକଟିକୁ ବିପଦପୂର୍ଣ୍ଣ ଚାଳଘରର ମାଟିକାନ୍ଥ ତଳୁ ଉଦ୍ଧାର କଲେ । ତା'ର ସେବାଶୁଶ୍ରୂଷା କରିବା ସହିତ ବାପଛେଉଣ୍ଡ ଶିଶୁ ପୁତ୍ର ଦୁଇଟିର ଯତ୍ନ ନେଲେ ଏବଂ ସେଇ ସ୍ତ୍ରୀ ଲୋକଟିର ପରିଚୟ ଜାଣିବାକୁ ହରେକୃଷ୍ଣ ବାବୁ ବ୍ୟଗ୍ର ହୋଇଉଠିଲେ, ଶାନ୍ତ ସରଳ ମନରେ କହିଲେ, ମା' ତୋର ନାଁ କ'ଣ, ତୋ ସ୍ୱାମୀଙ୍କ ନାଁ କ'ଣ । ସେ ସ୍ତ୍ରୀ ଲେକଟି ଦରଦୀଭରା କ୍ଷୀଣ କଣ୍ଠ ସ୍ୱରରେ କହିଲା ମୋ ନାଁ - ସୁରଭି, ମୋ ସ୍ୱାମୀ ବୈକୁଣ୍ଠ ମୋତେ ଛାଡ଼ି ଆରପାରିକୁ ଚାଲିଯାଇଛନ୍ତି । ମୁଁ ଏଇ ନରେନ୍ଦ୍ରପୁର ଗାଁ'ରେ ପଡ଼ିରହିଛି ହତଭାଗିନୀ କାହିଁକି କେଜାଣି । ମୋ' ଭାଗ୍ୟରେ କ'ଣ ଲେଖାଅଛି । ପୁଣି ଏଇ ପିଲା ଦୁଇଟାଙ୍କୁ କେମିତି ବଞ୍ଚାଇବି, ମଣିଷ କରିବି ? ତା'ର ଏଭଳି କରୁଣ, ମାର୍ମିକ ଓ ଅଶ୍ରୁଳଭରା ଦୁଇପଦ କଥା ଶୁଣି ହରେକୃଷ୍ଣବାବୁ ତାକୁ ସାନ୍ତ୍ୱନା ଦେଲେ ଏବଂ କହିଲେ, ମା'ତୁ ଆଦୌ ବ୍ୟସ୍ତ ହୁଅନା । ସବୁ ସେଇ ପ୍ରଭୁଙ୍କ ଇଚ୍ଛା । କଥାରେ ଅଛି, "ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ ।" ଯାହା ହେବାର ଥିଲା ତାହା ହେଲା । ତୁ ମା' କେମିତି ଏଇ ଦୁଇଟି ପିଲା ମଣିଷ ହେବେ ଏବଂ ବଡ଼ ହେଲେ ତୋର ଦୁଃଖ ଦୂର ହେବ ସେଇକଥା ଚିନ୍ତାକର । ଏଇ କେଇପଦ କଥା କହି ହରେକୃଷ୍ଣବାବୁ ଦୁଇପାଦ ଆଗକୁ ପକାଇ ଚାଲିଯିବାକୁ ବାହାରିଲେ । କିନ୍ତୁ ତାଙ୍କ ପଛରୁ ହଠାତ୍ କରୁଣ କଣ୍ଠସ୍ୱର ଶୁଭିଲା - ବାବୁ ଆପଣ ମୋତେ ଛାଡ଼ି କ'ଣ ଚାଲିଯିବେ ? ମୋର ଏ ଦୁନିଆରେ କିଏ ଅଛି ଯେ, ରାହା ଦେବ ଆହା ପଦେ କହିବ । ମୁଁ ତ ସେଦିନ ଘନଅନ୍ଧକାର ଭିତରେ ଚାଳଘର ଚାରିକାନ୍ଥ ମାଟିତଳେ ସବୁଦିନ ପାଇଁ ହଜିଯାଇଥାନ୍ତି, ହେଲେ ଆପଣ କାହିଁକି ମୋତେ ଉଦ୍ଧାର କରି ବଞ୍ଚାଇଲେ । ହରେକୃଷ୍ଣ ବାବୁ ଥକ୍କା ହୋଇ ବସିପଡ଼ିଲେ ଏବଂ ଦୀର୍ଘ ନିଃଶ୍ୱାସ ପକାଇ କିଛି ସମୟ ଭାବିବାକୁ ଲାଗିଲେ । କିଛି ସମୟ ଚିନ୍ତା କରିବା ପରେ ହରେକୃଷ୍ଣବାବୁ କହିଲେ ତୁ ମା' ଧୈର୍ଯ୍ୟହରା ନ ହୋଇ ଧୈର୍ଯ୍ୟଧରି ସମୟକୁ ଅପେକ୍ଷା କର । ଭଗବାନ୍ ତୋର ଦୁଃଖ ନିଶ୍ଚୟ ବୁଝିବେ । ଏଇକଥା ଦି'ପଦ କହିବାବେଳେ ହରେକୃଷ୍ଣବାବୁଙ୍କ ଆଖିଦୁଇଟି ଲୋତକରେ ଛଳ ଛଳ ହୋଇଗଲା । ସତେଯେପରି ହରେକୃଷ୍ଣବାବୁଙ୍କର ଦୟାର ହାତ ଲମ୍ବିଯାଇଛି ସୁରଭିର ଦରଦିଭରା ଜୀବନ କାହାଣୀ ଭିତରକୁ । ହଁ, ବୋଧହୁଏ, ଭଗବାନ୍ ନିଶ୍ଚୟ ନିରୀହ, ଗରିବ, ଦରଦୀମାନଙ୍କ ଦୁଃଖ ସହ୍ୟ କରି ନ ପାରି ହରେକୃଷ୍ଣ ଭଳି ସାହାଯ୍ୟକାରୀ ଲୋକଙ୍କୁ ଏ ଧରାପୃଷ୍ଠକୁ ପଠାଇଥା'ନ୍ତି ।

ଯାହା ହେଉ ହରେକୃଷ୍ଣ ନିଜେ ପରିଶ୍ରମ କରି ସୁରଭି ଓ ତା'ର ଦୁଇଟି ପିଲାଙ୍କ ରହିବା ପାଇଁ ଏକ ଚାଳଘର ତିଆରି କରିଦେଲେ । ସୁରଭି ମଧ୍ୟ ଦୁଇଟି ପୁଅ ରାଜୁ ଓ ସାନୁକୁ ନେଇ ସେହି ଚାଳଘରେ ରହିଲା, ହେଲେ ବଞ୍ଚିବା ପାଇଁ ଖାଦ୍ୟର ଆବଶ୍ୟକତା ରହିଛି । ସେଥିପାଇଁ ହରେକୃଷ୍ଣ ବାବୁ ନିଜ ଉଦ୍ୟମରେ ରାଜନୀତିକ ଲୋକଙ୍କୁ ଧରାଧରି

କରି ସୁରଭିକୁ ଗାଁ ଅଙ୍ଗନୱାଡ଼ି ଶିକ୍ଷାକେନ୍ଦ୍ରରେ ଶିକ୍ଷୟିତ୍ରୀ ରୂପେ ନିଯୁକ୍ତି କରିଦେଲେ । ସୁରଭି ଯାହାହେଉ ପେଟକୁ ଭଲକରି ଦି'ଓଳି ଦି'ମୁଠା ଖାଇବାକୁ ପାଇଲେ ପିନ୍ଧିବାକୁ ବସ୍ତ୍ର ମଧ୍ୟ ପାଇଲେ । ପରିବାରଟି ବେଶ୍ ଆନନ୍ଦରେ କୌଣସିମତେ ଚଳିଗଲେ । ସୁରଭିର ଶିକ୍ଷାଦାନର ଅଭିଜ୍ଞତା ଏବଂ କର୍ତ୍ତବ୍ୟନିଷ୍ଠା ଦେଖି ନରେନ୍ଦ୍ରପୁର ଗାଁ'ର ଲୋକମାନେ ସୁରଭି ଗୁଣ ଗାରିମାର ଭୂୟସୀ ପ୍ରଶଂସା କଲେ । ସମୟ ଗଡ଼ିଚାଲିଲା । ଠିକ୍ ନନ୍ଦିଘୋଷ ରଥ ଭଳି ।

ସୁରଭିର ପୁଅ ରାଜୁ ଓ ସାନୁ କ୍ରମେ ବଡ଼ ହେଲେ ଏବଂ ଗାଁ' ସ୍କୁଲ୍‌ରୁ ପାଠ ପଢ଼ିସାରି କଲେଜରେ ପଢ଼ିବା ପାଇଁ ମନ ବଳାଇଲେ । ହେଲେ ସୁରଭି କ'ଣ କରିବ ତା' ପାଖରେ ଏତେ ଆର୍ଥିକ ସମ୍ବଳ ଆସିବ କେଉଁଠୁ ? ପୂର୍ବପୁରୁଷର ଭିଟାମାଟି ଖଣ୍ଡକ ଛଡ଼ା ତା'ପାଖରେ କିଛି ସମ୍ପତ୍ତି ବା ଅର୍ଥର ସମ୍ବଳ ନାହିଁ । ପୁଅ ଉଚ୍ଚଶିକ୍ଷିତ ନ ହେଲେ ସେମାନେ ସମାଜରେ ବଡ଼ ମଣିଷ ହୋଇପାରିବେ ନାହିଁ କିମ୍ବା ସରକାରୀ ଚାକିରି କରିପାରିବେ ନାହିଁ । ମୋର ଦୁଃଖ ମଧ୍ୟ ଦୂର ହେବନାହିଁ । କେମିତି ପୁଅ କଲେଜରେ ପଢ଼ିବେ ଏଇକଥା ଭାବି ସୁରଭି ପାଗଳି ପ୍ରାୟ ହୋଇଉଠୁଥାଏ । କ'ଣ କରିବ ? ବଡ଼ ପୁଅ ରାଜୁ ଓ ସାନ ପୁଅ ସାନୁର ମଧ୍ୟ ଏକା ଜିଦ୍ କଲେଜରେ ପାଠ ପଢ଼ିବେ । ପୁଅ ରାଜୁ ଓ ସାନୁ ମଧ୍ୟ ଜିଦ୍ କରୁଥାନ୍ତି, ହଁ - ମା' ତୁ ସେଇ ଘରଡିହଟା ବିକି ଆମକୁ ପଢ଼ା, ଆମ୍ଭେ ପାଠପଢ଼ି ବଡ଼ ମଣିଷ ହେଲେ କେତେ ଘରଡିହ, କେତେ ଜମିବାଡ଼ି, ଗାଡ଼ିମଟର କରିଦେବୁ, ତୋର ଜମା ଦୁଃଖ ରହିବନି । ସ୍ନେହମୟୀ ମାଆ କ'ଣ କେବେହେଲେ ତା'ର ପିଲାମାନଙ୍କର ଅମଙ୍ଗଳ ଚାହେଁ ? ଯଦି ପିଲା ପାଠପଢ଼ିବେ ଘରଡିହ ସାତଗୁଣ୍ଠ ରହି କ'ଣ ହେବ । ଶେଷରେ ସୁରଭି ଗାଁ'ର ମୁଖିଆ ଶଙ୍କର ପ୍ରଧାନଙ୍କୁ ଡାକିଲେ ଏବଂ ନିଜ ଘରଡିହ ଭିଟାମାଟିକୁ ସତୁରୀ ହଜାରେ ଟଙ୍କାରେ ବିକ୍ରି କବଲା କରିଦେଇ ପୁଅ ଦୁଇଜଣଙ୍କର ପାଠ ପଢ଼ାଇବା ନିଶାରେ ଲାଗିପଡ଼ିଲେ । ପୁଅ ଶିକ୍ଷିତ ହେଲେ ଚାକିରି କରିବେ, ବଡ଼ ହାକିମ ହେବେ ମୋର ଦୁଃଖ ଦୂର ହେବ । ପୁଅକୁ ବିବାହ କରି ଘରକୁ ବୋହୂ ଆଣିବି । ବୋହୂମାନେ ମୋର ସେବାଯତ୍ନ କରିବେ । ଏମିତି ଯେ କେତେ ଅସୁମାରି ସ୍ୱପ୍ନ ସୁରଭି ମୁଣ୍ଡରେ ବସା ବାନ୍ଧିଲା । ନଈ ଆଗକୁ ବହିଚାଲିଲା ଭଳି, ସୁରଭିର ଆଶା, ଆକାଂକ୍ଷା ବଢ଼ିଚାଲିଲା । ପ୍ରବହମାନ ନଦୀଧାରା ବାଲିବସ୍ତାଟିଏ ପକାଇଲେ ସେ କ'ଣ ଅଟକିବ ? ବାସ୍ତବିକ୍ ସମାଜରେ ପ୍ରତ୍ୟେକ ମଣିଷ ନିଜେ କିପରି ଭବିଷ୍ୟତରେ ଭଲରେ ରହିବେ ସେଇକଥା ହିଁ ସ୍ୱପ୍ନରେ ଦେଖିଥା'ନ୍ତି । ସେଥିରୁ ସୁରଭି କେମିତି ବାଦ୍ ପଡ଼ନ୍ତା ।

ବେଳେବେଳ ଦୁଃଖର ସୀମାହୀନ ସାମ୍ରାଜ୍ୟ ମଧ୍ୟରେ ଆନନ୍ଦର ଫୁଲଟିଏ ଉଙ୍କିମାରେ । ତାହାହିଁ ସୁରଭି ପରିବାରରେ ଦେଖାଦେଇଥିଲା । ପୁଅ ରାଜୁ ଓ ସାନୁ କଲେଜରେ ପାଠ ଶେଷକରି ଚାକିରି ଅନ୍ୱେଷଣରେ ଲାଗିପଡ଼ିଲେ । ବିଭିନ୍ନ ବିଭାଗରେ ଇଣ୍ଟରଭ୍ୟୁ ଦେଲେ । ଯାହାହେଉ ରାଜୁ ଆଇ.ଏ.ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରଙ୍କ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ । ସେହିପରି ସାନୁ ମଧ୍ୟ ଈଶ୍ୱରଙ୍କ ଅପାର କରୁଣାରୁ ଅବକାରୀ ବିଭାଗରେ ଜଣେ ଉଚ୍ଚପଦସ୍ଥ ଅଧିକାରୀ ରୂପେ ନିଯୁକ୍ତି ପାଇଲେ । ଏଇ ନିଯୁକ୍ତି ଖବର ଶୁଣି ମାଆ ସୁରଭିର ଆନନ୍ଦର ସୀମା ରହିଲା ନାହିଁ । ସେ ଭଗବାନ୍‌ଙ୍କୁ ଢ଼େର ପ୍ରଣତି ଜଣାଇଲେ । ଭଗବାନ୍ ଏତେଦିନେ ତା'ର ଦୁଃଖ ବୁଝିଛନ୍ତି । ସେଥିପାଇଁ ସେ ଦେବାଦେବୀ ମନ୍ଦିରରେ ଘିଅ, ସଞ୍ଜବତୀ ଜାଳି ପୁଅ ରାଜୁ ଓ ସାନୁ କିଭଳି ଭଲରେ ରହିବେ ସେଇକଥା ମନାସିଲେ । ଗାଁ'ର ପଡ଼ିଶାଲୋକଙ୍କୁ ସୁରଭି ଖୁସିରେ ମିଠା ବାଣ୍ଟିଲେ । ଗାଁ ଲୋକମାନେ କୁହାକୁହି ହେଲେ ଯେ ଯାହାହେଉ ସୁରଭିର ଦୁଃଖ ଏତେ ଦିନେ ଭଗବାନ୍ ଶୁଣିଛନ୍ତି ।

ଏମିତି ଆନନ୍ଦଭରା ମନ ନେଇ ସୁରଭି ଓ ତା'ର ଦୁଇ ପୁଅ ବେଶ୍ ଆନନ୍ଦରେ ଚଳିଲେ । ପରିବାର ଭିତରେ ଶାନ୍ତିର ଲହରୀ ଖେଳିଗଲା । ସତେଯେପରି ଦିନପରେ ରାତି ଆସେ ଠିକ୍ ସେଇଭଳି ଦୁଃଖ ପରେ ସୁଖ ମଧ୍ୟ ଆସେ । ଏହା ସମାଜର ଗତାନୁଗତିକ ପଦବୀ । ସେଥିରୁ ସୁରଭିର ପରିବାର ବାଦ୍ ପଡ଼ନ୍ତା ବା'କେମିତି ? ବେଶ୍ କିଛିଦିନ ଅତିକ୍ରାନ୍ତ ପରେ ସୁରଭିର ଉଚ୍ଚଶିକ୍ଷିତ ପୁଅମାନେ ଗାଁ'ରେ ପୁଣି ମାଟି ଚାଳଘରେ ରହିବାକୁ ପସନ୍ଦ ମନେକଲେନି । ସେମାନେ ଗାଁ' ଜନ୍ମମାଟିକୁ ଛାଡ଼ି ସହରରେ ରହିବାକୁ ଚାଲିଗଲେ । କିନ୍ତୁ ମାଆ ସୁରଭି ଗାଁ ଜନ୍ମମାଟି, ଯେଉଁଠି




ସମ୍ପାଦକ : ଡ. ବିଭୂଦତ୍ତ ଖଣ୍ଡାୟତରାୟ